## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ମାମଲାରେ ୨ ଗିରଫ

ଭୁବନେଶ୍ୱର,୧୩।୯(ସୂର୍ଯ୍ୟକାନ୍ତ ବେହେରା)

ହର୍ନ ବଜାଇ ବିରକ୍ତ କରୁଥିଲେ। ପ୍ରତିବାଦ କରିବାରୁ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ସ୍ଥାନୀୟ ପୋଲିସ ଆକ୍ରମଣକାରୀ ୨ ଯୁବକଙ୍କୁ ମାସେ ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଧଉଳି ଶିଶୁପାଳଗଡର ପ୍ରଦ୍ୟୁମ୍ନ କୁମାର ଜେନା ଓ ପ୍ରଦୀପ କୁମାର ରାଉତରାୟ। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହିମାଂଶୁ ଶେଖର ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଗଷ୍ଟ ୯ ରାତିରେ ଗଡମହାବୀର ମନ୍ଦିରରୁ କାର୍ଯ୍ୟ ସାରି ହିମାଂଶୁ ଘରକୁ ଫେରୁଥିଲେ। ଏହି ସମୟର ଦୁଇ ଅଭିଯୁକ୍ତ ତାଙ୍କ ପଛରେ ଗାଡିରେ ଆସି ବାରମ୍ବାର ହର୍ଣ୍ଣ ବଜାଇବା ସହ ଗାଳିଗୁଲଜ କରିଥିଲେ। ହିମାଂଶୁ ଏହାର କାରଣ ପଚାରିବାରୁ ଦୁଇ ଅଭିଯୁକ୍ତ ତାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି।

# ଦିନକରେ ୧୫ଲକ୍ଷ ଟଙ୍କାର ଚିକେନ ବେପାର

### ଖୁସିରେ ମାଗଣାରେ ଚିକେନ୍ ପକୋଡା, ବିରିୟାନି ବାଣ୍ଟିଲେ

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)


ଭୁବନେଶ୍ୱରର ଏକ ମଣ୍ଡପରେ ବ୍ୟବସାୟୀମାନେ ଲୋକଙ୍କୁ ଚିକେନ ପକୋଡ଼ା ଓ ବିରିୟାନି ବାଣ୍ଟୁଛନ୍ତି। (ଫଟୋ: ବିକାଶ ନାୟକ)

ରାଜ୍ୟରେ ବାର୍ଡଫ୍ଲୁ ସଂକ୍ରମଣ ପାଇଁ ଗତ ୧ମାସ ହେବ ଚିକେନ୍ ଏବଂ ଅଣ୍ଡା ବିକ୍ରିରେ ଏକ ପ୍ରକାର ରୋକ୍ ଲାଗିଥିଲା। କାଁ ଭାଁ ଲୋକଙ୍କୁ ଛାଡିଦେଲେ ସମସ୍ତେ ଚିକେନ୍ ଆଡୁ ମୁହଁ ଫେରାଇ ନେଉଥିଲେ। ତେବେ ଏବେ ସ୍ଥିତିରେ ସୁଧାର ଆସିବା ସହ ଚିକେନ୍ ଏବଂ ଅଣ୍ଡା ଖାଇହେବ ବୋଲି ଗୁରୁବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିବା ପରେ ଶୁକ୍ରବାର ହଠାତ୍ ଚିକେନ ବଜାର ଚଳଚଞ୍ଚଳ ହୋଇଉଠିଥିଲା। ଦିନକରେ ୧୦ ଗାଡ଼ି ଚିକେନ୍ ଅର୍ଥାତ୍ ୧୫ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନ୍ ରାଜ୍ୟ ସଭାପତି ସେକ୍ ମୁନ୍ତାକିମ୍ ବକ୍ସ ସୂଚନା ଦେଇଛନ୍ତି। ଚିକେନ୍ କିଲୋପ୍ରତି ୨ଶହ ଟଙ୍କା ଦରରେ ବିକ୍ରି ହୋଇଛି। ସେହିପରି ଅଣ୍ଡା ମଧ ଭଲ ବ୍ୟବସାୟ ହୋଇଥିବା ସେ କହିଛନ୍ତି। କଟକ, ଖୋର୍ଦ୍ଧା ଏବଂ ଅନ୍ୟ ଅଞ୍ଚଳରୁ ଚିକେନ୍ ମଗାଯାଇଥିବାବେଳେ ପୁରୀ, କେନ୍ଦ୍ରାପଡା ଆଦି ସ୍ଥାନରେ ବାର୍ଡ ଫ୍ଲୁ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳରୁ ଚିକେନ୍ ଅଣାଯାଇ ନ ଥିବା ସେ କହିଛନ୍ତି। ଗତ କିଛିଦିନ ହେବ ଚିକେନ୍ ବିକ୍ରି ହେଉନ ଥିବାରୁ ବ୍ୟବସାୟୀମାନେ ଖୁବ୍ ଚିନ୍ତାରେ ଥିଲେ। ତେବେ ଶୁକ୍ରବାର ଭଲ ବେପାର ହୋଇଥିବାରୁ ଧୀରେଧୀରେ ସ୍ଥିତିରେ ସୁଧାର ଆସିବା ନେଇ ଆଶା ପ୍ରକଟ କରିଛନ୍ତି। ଅପରପକ୍ଷେ ଲୋକମାନେ ବାର୍ଡଫ୍ଲୁ ଡରରେ ଚିକେନ୍ ଖାଉ ନ ଥିବାରୁ ଶୁକ୍ରବାର ଲକ୍ଷ୍ମୀସାଗର ଅଞ୍ଚଳର ଏକ ମଣ୍ଡପରେ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ଖୁସିରେ ଲୋକଙ୍କୁ ମାଗଣାରେ ଚିକେନ୍ ପକୋଡା ଓ ବିରିୟାନି ବାଣ୍ଟୁଥିବା ଦେଖାଯାଇଥିଲା। ଏହାଦ୍ୱାରା ଚିକେନ ପ୍ରତି ଲୋକଙ୍କ ଭାବନା ବଦଳିବ ବୋଲି ଆୟୋଜକମାନେ କହିଛନ୍ତି।

# ଫ୍ରି ଫାୟାର ଗେମ୍‌ରେ ସମ୍ପର୍କ, ଯୁବତୀଙ୍କୁ ବ୍ଲାକ୍‌ମେଲ୍

ଭୁବନେଶ୍ୱର,୧୩।୯(ସତ୍ୟଜିତ୍ ରାଉତ)

### ଯୁବକଙ୍କୁ ଧରିଲା ହର୍ ଟିମ୍

ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ଧମକ ଦେଇ ଜଣେ ଯୁବତୀଙ୍କୁ ବ୍ଲାକମେଲ୍ କରୁଥିବା ଯୁବକଙ୍କୁ ଶୁକ୍ରବାର କମିଶନରେଟ୍ ପୋଲିସର ହର୍ ଟିମ୍ ଧରିଛି। ଅଭିଯୁକ୍ତ ହେଲେ ବାପୁଜୀନଗର ଅଞ୍ଚଳର ଶିବ ନାୟକ। ପୀଡ଼ିତା ଜଣକ ଫ୍ରି ଫାୟାର ଗେମ୍‌ରେ ଶିବଙ୍କ ସହ ଯୋଗାଯୋଗରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ଯୁବତୀଙ୍କ ସହ ଭିଡିଓ କଲ୍‌ରେ କଥାହେବା ବେଳେ ତାଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ରଖିଥିଲେ। ପରେ ତାହାକୁ ଭାଇରାଲ୍ କରିଦେବାକୁ ଧମକ ଦେଇ ପୀଡ଼ିତାଙ୍କୁ ବ୍ଲାକମେଲ୍ କରି ଟଙ୍କା ମାଗୁଥିଲେ। ଏପରିକି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଦାବି କରିଥିଲେ। ଏହାକୁ ନେଇ ପୀଡ଼ିତା ଜଣକ ଚିନ୍ତାରେ ପଡି ହର୍ ଟିମ୍‌ର ସହାୟତା ନେଇଥିଲେ। ତେବେ ହର୍ ଟିମ୍ ଅଭିଯୁକ୍ତ ଶିବଙ୍କୁ ଧରିବା ପରେ ସାଇବର ଥାନାକୁ ହସ୍ତାନ୍ତର କରିଥିଲା। ତେବେ ଶିବ ଥାନାରେ ଭୁଲ୍ ମାଗିବା ସହ ଉକ୍ତ ଫଟୋ ଓ ଭିଡିଓକୁ ମୋବାଇଲରୁ ଡିଲିଟ୍ କରିଥିଲେ। ଏଥିସହ ଏଭଳି କାଣ୍ଡ ପାଇଁ ସେ ଲିଖିତ କ୍ଷମାପ୍ରାର୍ଥନା ଦେବା ସହ ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କୁ ହଇରାଣରେ ନ ପକାଇବା ପାଇଁ ଅଭିଭାବକଙ୍କ ଉପସ୍ଥିତିରେ ମୁଚାଲିକା ଲେଖିବା ପରେ ଥାନାରୁ ତାଙ୍କୁ ଛଡାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ହଷ୍ଟେଲ ଶିଡିରୁ ଖସି ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର,୧୩।୯(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଘରୋଇ ଶିକ୍ଷାନୁଷ୍ଠାନର ହଷ୍ଟେଲ ଶିଡିରୁ ଖସି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଝାଡଖଣ୍ଡର ଅଭିଷେକ ରବି(୧୯)। ସେ ଉକ୍ତ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ର ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପରିବାର ଲୋକେ ଆସିଲେ ଶନିବାର ଏମ୍‌ସରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର ହେବ ବୋଲି ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଭିଷେକ ହଷ୍ଟେଲ ଶିଡିରେ ଯାଉଥିବାବେଳେ ହଠାତ ଶିଡି ଫାଙ୍କରେ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ ପରିସ୍ଥିତିରେ ଛାତ୍ରଜଣକ ତଳକୁ ଖସିଲେ ତାହାକୁ ନେଇ ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି।

# ଲୁହା କଡ଼େଇରେ ମହାପ୍ରସାଦ ପ୍ରସ୍ତୁତ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପୁରୀ,୧୩।୯ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରୋଷ ମଧରେ ମାଟି କୁଡୁଆରେ ରନ୍ଧନ ପରମ୍ପରା ଥିବା ବେଳେ କେତେଜଣ ସୁପକାର ଲୁହା କଡ଼େଇ ବ୍ୟବହାର କରୁଥିବା ଅଭିଯୋଗ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ସୁଆର ମହାସୁଆର ନିଯୋଗ, ବିଡୁଆ ପନ୍ତି ବଡୁ ନିଯୋଗ, ରୋଷପାଇକ ନିଯୋଗର ସମ୍ପାଦକ ଏବଂ ରୋଷ ଅମିନ ତୁରନ୍ତ ରୋଷ ପରିଦର୍ଶନ କରି ଏହାକୁ ବାରଣ କରିବା ସହ କଡ଼େଇ ଜବତକରି ୭ଦିନ ଭିତରେ କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ସେହିପରି ପାଟଯୋଶୀ ମହାପାତ୍ର, ତଲୁଛ ମହାପାତ୍ର ଏବଂ ଦେଉଳକରଣ ପ୍ରତିଦିନ ରୋଷଶାଳା ତନଖି କରି ଲୁହା କଡ଼େଇ ଜବତ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ପୃକ୍ତ ସେବକଙ୍କ ଦ୍ୱାରା କଡ଼େଇ ଜବତ କାର୍ଯ୍ୟ ସମ୍ପାଦନ କରି କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରିବାକୁ ଶ୍ରୀମନ୍ଦିର କମାଣ୍ଡର, ବରିଷ୍ଠ ସୁପରଭାଇଜରଙ୍କୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟର ନିରୀକ୍ଷଣ କରି ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ସୁରକ୍ଷା ପ୍ରଶାସକଙ୍କୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ସ୍ୱତ୍ୱଲିପି ତଥା ପରମ୍ପରାକୁ ଉଲ୍ଲଂଘନ କରି ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତ ହେଉଥିବା ନେଇ ଗୁରୁବାର ଅଭିଯୋଗ ହୋଇଥିଲା। କେତେକ ମୁଷ୍ଟିମେୟ ସୁଆର ସେବକ ସମସ୍ତ ପରମ୍ପରାକୁ ଉଲ୍ଲଂଘନ କରି ଲୁହା କଡ଼େଇରେ ମହାପ୍ରସାଦ ପ୍ରସ୍ତୁତ କରୁଛନ୍ତି ବୋଲି ସୁଆର ମହାସୁଆର ନିଯୋଗ ଏହି ଆପତ୍ତି ଉଠାଇଥିଲା। ଏପରିକି ସୁଆର ମହାସୁଆର ନିଯୋଗ ପକ୍ଷରୁ ନିୟମ ଓ ପରମ୍ପରାକୁ ଉଲ୍ଲଂଘନ କରୁଥିବା ଉକ୍ତ ଅମାନିଆ ସେବକଙ୍କୁ ନୋଟିସ ଜାରି କରାଯାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନକୁ ଚିଠିଯୋଗେ ଅବଗତ କରାଯାଇଥିବା ନେଇ ସୂଚନା ମିଳିଥିଲା।

# ବିଏମ୍‌ସି ହସ୍ପିଟାଲର ସମସ୍ୟା ସମାଧାନ ଦାବି

ପୁରୁଣା ଭୁବନେଶ୍ୱର,୧୩।୯ (ସୁବାସ ଚନ୍ଦ୍ର ପ୍ରଧାନ)

### ବିଏମ୍‌ସି କମିଶନରଙ୍କୁ ଦାବିପତ୍ର



ବିଏମ୍‌ସି ହସ୍ପିଟାଲର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆମ ଚିକିତ୍ସାଳୟ ସୁଧାର ଅଭିଯାନ କମିଟି ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହସ୍ପିଟାଲରେ ଡାକ୍ତର ଅଭାବ, ୨୪ ଘଣ୍ଟିଆ ଅସ୍ତ୍ରୋପଚାର ବନ୍ଦ ହେବା, ବିଭିନ୍ନ ରୋଗ ନିରୂପଣ ଯନ୍ତ୍ରପାତି ଅଚଳ୍ ହେବା ଆଦି ସମସ୍ୟା ରହିଛି। ଗତ ମଙ୍ଗଳବାର ସ୍ଥାନୀୟ ଗୋସାଗରେଶ୍ୱର ଅଞ୍ଚଳର ରିଣ୍ଟୁ ମଙ୍ଗରାଜ ହୃଦ୍‌ରୋଗରେ ପୀଡ଼ିତ ହୋଇ ଏଠାକୁ ଚିକିତ୍ସା ନିମନ୍ତେ ଆସିଥିଲେ। ଡାକ୍ତର ନ ରହିବା ଏବଂ ବିଭାଗ କାର୍ଯ୍ୟକ୍ଷମ ନ ହେବାରୁ ଏଠାରେ ରିଣ୍ଟୁଙ୍କ ମୃତ୍ୟୁ ହୋଇଥିବା ନେଇ କମିଟି ପକ୍ଷରୁ କୁହାଯାଇଛି। ସଂଯୋଜକ ଗଣେଶ ଚନ୍ଦ୍ର ପାଲ୍‌ଙ୍କ ନେତୃତ୍ୱରେ ମନୋରଞ୍ଜନ ବଟୁ, ସୁଲତା ସାହାଣୀ, ଆଇନଜୀବୀ ଭୀଷ୍ମ ନାରାୟଣ ନାୟକ, ଭୂପେଶ କୁମାର ନାୟକ, ମନୋରଞ୍ଜନ ମହାପାତ୍ର, ନିରଞ୍ଜନ ଦାସ, ବିଭୁପ୍ରସାଦ ବିଶୋଇ, ବିଜୟ ଭଟ୍ଟାଚାର୍ଯ୍ୟ, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ଅଟୋ ଚାଳକଙ୍କୁ ଆକ୍ରମଣ ଘଟଣା: ଯୁବତୀ ଗିରଫ

ଭୁବନେଶ୍ୱର,୧୩।୯(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଅଟୋ ଚାଳକଙ୍କୁ ରାସ୍ତାରେ ମାଡ ମାରି ରକ୍ତାକ୍ତ କରିବା ଘଟଣାରେ ନୟାପଲ୍ଲୀ ପୋଲିସ ଆକ୍ରମଣକାରୀ ଯୁବତୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଯାଜପୁରର ସରୋଜିନୀ ପଣ୍ଡା। ତେବେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ତଥା ଯୁବତୀଙ୍କ ସହଯୋଗୀମାନେ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଆକ୍ରମଣର ଶିକାର ଅଟୋ ଚାଳକ ହେଲେ ସୁରେନ୍ଦ୍ର ଡାଲୁଆ। ଗୁରୁବାର ସନ୍ଧ୍ୟାରେ ଜୟଦେବ ବିହାରସ୍ଥିତ ପାର୍କ ଅଞ୍ଚଳରେ ଏହି ଘଟଣା ଘଟିଥିଲା।

# ଏକାମ୍ରରେ ଗଡ଼ିଲା 'ସୁଭଦ୍ରା' ରଥ




ପୁରୁଣାଭୁବନେଶର,୧୩।୯ (ସୁବସ ଚନ୍ଦ୍ର ପ୍ରଧାନ)

ଶିଶୁପାଳଗଡ଼ ପଞ୍ଚାୟତରେ ଗୁରୁବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ପତାକା ଦେଖାଇ 'ସୁଭଦ୍ରା ରଥ'ର ଶୁଭାରମ୍ଭ କରିଛନ୍ତି। ଏହି ରଥ ସୁଭଦ୍ରା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଏକାମ୍ର ନିର୍ବାଚନମଣ୍ଡଳୀର ମହିଳାମାନଙ୍କୁ ସଚେତନ କରିବ। ବିଧାୟକ ବାବୁ ସିଂ କହିଛନ୍ତି, ଆସନ୍ତା ୧୭ ତାରିଖରେ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ପୂର୍ବରୁ ସଚେତନତା ରଥ ଅନେକ ସମସ୍ୟା ଦୂର କରିବ। ଶେଷ ହିତାଧିକାରୀ ସୁବିଧା ପାଇବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏହି କାର୍ଯ୍ୟକ୍ରମରେ ବିଡିଓ ସାଗର ପାଲ, ସିଡିପିଓ ବିନୋଦିନୀ ସୁବୁଦ୍ଧି, ସ୍ଥାନୀୟ ଜନପ୍ରତିନିଧି ଅରୁଣ ପୁରୋହିତ ଏବଂ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଲାପଟପ୍, ଟଙ୍କା ଚୋରି: ଡ୍ରାଇଭର ଗିରଫ

ବାରଙ୍ଗ,୧୩।୯(ଲିଙ୍ଗରାଜ ରାଉତ)

ଆବଶ୍ୟକତାଠାରୁ ଅଧିକ ଭଡ଼ା ଦାବିକରି ନ ମିଳିବାରୁ କାରରେ ଥିବା ସାମଗ୍ରୀକୁ ଚୋରି କରି ନେଇଥିବା ଅଭିଯୋଗରେ ନନ୍ଦନକାନନ ପୋଲିସ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଗୁରୁବାର ରାତିରେ ଜଣେ ମହିଳା ଓ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଘରକୁ ଆସିବାପାଇଁ ଭୁବନେଶ୍ୱର ରେଲୱେ ଷ୍ଟେଶନରୁ ଏକ ଉବେର ବୁକ୍ କରିଥିଲେ। କାର ଚାଳକ ତୃପ୍ତିପ୍ରକାଶ ଶତପଥୀ ଉଭୟଙ୍କୁ ଆଣି ତାଙ୍କ ଘରେ ଛାଡ଼ିଥିଲେ। କାର୍‌ର ଉପଯୁକ୍ତ ଭଡ଼ା ୪୦୭ ଟଙ୍କା ଦେଇଥିଲେ ମଧ କାର୍ ଚାଳକ ଅଧିକ ଭଡ଼ା ଦାବି କରିଥିଲେ। ଅଧିକ ଟଙ୍କା ଦେବାକୁ ମହିଳା ଜଣଙ୍କ ମନା କରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କାର୍ ଚାଳକ ଗାଡ଼ିରେ ବସିଥିବା ମହିଳାଙ୍କ ବନ୍ଧୁଙ୍କୁ ତଳକୁ ଠେଲିଦେଇ ଗାଡ଼ିରେ ଥିବା ଦୁଇଟି କଳା ରଙ୍ଗର ଲଗେଜ ବ୍ୟାଗ୍ ନେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ସେଥିରେ ଏକ ଲାପ୍‌ଟପ୍, କିଛି ବସ୍ତ୍ର ଏବଂ ମନିପର୍ସ ଆଦି ରହିଥିଲା। ଏ ବିଷୟରେ ମହିଳା ଜଣଙ୍କ ନନ୍ଦନକାନନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୫୨/୨୪ରେ ମାମଲା ରୁଜୁ କରି ଶୁକ୍ରବାର ଉବେର୍ କାର୍ ଜବତ କରିବା ସହ କେନ୍ଦ୍ରାପଡ଼ାର ତୃପ୍ତିପ୍ରକାଶ ଶତପଥୀ(୩୧) ନାମକ କାର୍ ଚାଳକକୁ ଗିରଫ କରିଛି।

# ପୂର୍ବତନ ଉପଜିଲାପାଳଙ୍କୁ ୨ବର୍ଷ ଜେଲ, ଲକ୍ଷେ ଜରିମାନା

ଭୁବନେଶ୍ୱର,୧୩।୯(ସତ୍ୟଜିତ୍ ରାଉତ)

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁକ୍ରବାର ଝାରସୁଗୁଡାର ପୂର୍ବତନ ଉପଜିଲାପାଳ ପ୍ରଦୀପ କୁମାର ବାରିକଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ପ୍ରଦୀପଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଜରିମାନା ଦେଇ ନ ପାରିଲେ ପ୍ରଦୀପ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ଆସିବା ପରେ ପ୍ରଦୀପ ଭିଜିଲାନ୍ସ ସ୍କାନରକୁ ଆସିଥିଲେ। ୨୦୧୨ ନଭେମ୍ବର ୫ରେ ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ଝାରସୁଗୁଡାସ୍ଥିତ ଅଫିସ ଚାମ୍ବର, ସରକାରୀ କ୍ୱାର୍ଟର ଏବଂ ଭୁବନେଶ୍ୱର ଘାଟିକିଆସ୍ଥିତ କୋଠାରେ ଏକକାଳୀନ ଚଢ଼ାଉ ହୋଇଥିଲା। ଯାଞ୍ଚ ବେଳେ ତାଙ୍କ ନିକଟରୁ ୪ଟି ଦାମୀ କାର୍, ସୁନା ଓ ରୁପା ଅଳଙ୍କାର ସହ ବିପୁଳ ସମ୍ପତ୍ତି ଠାବ ହୋଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ମାମଲା ରୁଜୁ ପରେ ପ୍ରଦୀପଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ତେବେ ପ୍ରଦୀପ ୬୬ ଲକ୍ଷ ୫୪ ହଜାର ୩୦୧ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ଚାର୍ଜଶିଟ୍‌ରେ ଦର୍ଶାଯାଇଥିଲା। ମାମଲାର ଶୁଣାଣି ସମୟରେ ୨୫ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଓକିଲ ଅଜିତ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ପ୍ରଦୀପ ସରକାରୀ ଚାକିରିରୁ ଅବସର ନେଇଥିବା ବେଳେ ସେ ବର୍ତ୍ତମାନ ପେନସନ୍ ପାଉଛନ୍ତି। ଏହି ପେନସନ ରାଶି ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଜଣାଇ ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସୂଚନା ଦିଆଯାଇଛି।

# ୨୩ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମାନିତ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷକ ଓ ଅନ୍ୟମାନେ।

ଖୋର୍ଦ୍ଧା,୧୩।୯(ପ୍ରଭାତ ପାଣିଗ୍ରାହୀ)

ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଆନୁକୂଲ୍ୟରେ ରାଷ୍ଟ୍ର ଗଠନରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରମୁଖ ଭୂମିକାକୁ ନେଇ ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ରୋଟାରିଆନ ଆଶୁତୋଷ ବାଗ ସଭାପତିତ୍ୱ କରିଥିଲେ। ରୋଟାରୀ ଖୋର୍ଦ୍ଧା ଜିଲା ୩୨୬୨ର ପ୍ରାନ୍ତପାଳ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ପ୍ରାନ୍ତପାଳ ରୋଟାରିଆନ ଶିବବ୍ରତ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାତା, ସମାଜର ପଥପ୍ରଦର୍ଶକ। ଶିକ୍ଷାର ବିକାଶରେ ରାଷ୍ଟ୍ରର ବିକାଶ ବୋଲି କହିଥିଲେ। ବରିଷ୍ଠ ରୋଟାରିଆନ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରଶ୍ମିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଟକ ଓ ଭୁବନେଶ୍ୱରର ୨୩ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମିଶ୍ର, ସିଦ୍ଧାର୍ଥ ତିୱାରୀ, ବିଭୂତି ଭୂଷଣ ମହାପାତ୍ର, ବିଜୟ ମିଶ୍ର, ପ୍ରତୀକ ମିଶ୍ର, ଅଶୋକ ଅଗ୍ରୱାଲ, ସୁକାନ୍ତ ମହାପାତ୍ର, ବୃନ୍ଦାବନ ଦଳବେହେରା, ବିକାଶ ରଞ୍ଜନ ରାୟ, ଯତିନ୍ ରଥ, ସୁଶାନ୍ତ ପାଣିଗ୍ରାହୀ, ଦିଲୀପ ଦାସ, ପ୍ରଦ୍ୟୁମ୍ନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ତାଲା ଭାଙ୍ଗି ନେଇଗଲେ ୪୦ ଭରିର ସୁନା ଗହଣା

ବାରଙ୍ଗ,୧୩।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ବେଲଗଛିଆ ନିକଟସ୍ଥ କୁଆଖାଇ ନଦୀତଟରେ ଥିବା ଏକ ଆପାର୍ଟମେଣ୍ଟରୁ ସୁନା ଅଳଙ୍କାର ସମେତ ବହୁ ଦାମୀ ଜିନିଷ ଚୋରି ହୋଇଥିବା ନେଇ ଶୁକ୍ରବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ ବେଲଗଛିଆ ଗ୍ରାମ ନିକଟସ୍ଥ କୁଆଖାଇ ନଦୀ ତଟରେ ଥିବା ଶାନ୍ତିବନ ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାର ବି-୨୦୪ ନଂ. ରୁମ୍‌ର ମାଲିକ ଡି. କେ. ମହାପାତ୍ରଙ୍କ ଫ୍ଲାଟରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ରୁମ୍‌ର ମୁଖ୍ୟ ଫାଟକ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରକୁ ପଶି ଆଲମାରୀ ଭାଙ୍ଗିଥିଲେ। ପରେ ଦୁର୍ବୃତ୍ତ ଆଲମାରୀ ଭିତର ଲକରକୁ ଭାଙ୍ଗି ସେଥିରେ ଥିବା ୪୦ ଭରି ଓଜନର ସୁନାଅଳଙ୍କାର ଚୋରି କରିନେଇଥିବା ତାଙ୍କ ପୁଅ ସନ୍ଦୀପ ମହାପାତ୍ର ଶୁକ୍ରବାର ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଡି.କେ. ମହାପାତ୍ର ଜଣେ ଅବସରପ୍ରାପ୍ତ ସେଲ୍ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍) ଅଧିକାରୀ। ଝାଡୁଦାର ପ୍ରତିଦିନ ଆସି ଘର ମଧ୍ୟରେ ଥିବା ଅଳିଆ ଆବର୍ଜନା ସଫା କରି ପୁଣି ପଡ଼ୋଶୀଙ୍କ ଘରେ ଚାବି ଦେଇ ଫେରିଯାଆନ୍ତି। ଶୁକ୍ରବାର ସକାଳୁ ଝାଡୁଦାର ଚାବି ନେଇ ଘର ଖୋଲିବା ପରେ ଭିତରେ ସମସ୍ତ ଆସବାବପତ୍ର ଏଣେତେଣେ ପଡ଼ିଥିବା ବେଳେ ଘରର ଆଲମାରୀ ଓ ଲକର ମଧ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ପଡ଼ୋଶୀଙ୍କ ମାଧ୍ୟମରେ ଘର ମାଲିକଙ୍କୁ ଜଣାଇଥିଲେ। ପଡ଼ୋଶୀଙ୍କଠାରୁ ଖବରପାଇ ସନ୍ଦୀପ ମହାପାତ୍ର ପହଞ୍ଚି ବାରଙ୍ଗ ଥାନାକୁ ଖବର ଦେଇଥିଲେ। ବାରଙ୍ଗ ଥାନା ପୋଲିସ ସାଇଣ୍ଟିଫିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।



ଚୋରି ପରେ ମୁକୁଳା ପଡ଼ିଥିବା ଆଲମାରୀ ଓ ଏଣେତେଣେ ପଡ଼ିଥିବା ବିଭିନ୍ନ ସାମଗ୍ରୀ।

## ସଂକ୍ଷେପରେ

### ବ୍ରଜଗୋପିକା ଧାମରେ ଶ୍ରୀରାଧାରାଣୀ ଜନ୍ମ ଉତ୍ସବ

ଟାଙ୍ଗୀ, ୧୩।୯ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଚୁଟୁମ୍ବରପଲ୍ଲୀଠାରେ ଗତ ବୁଧବାର ବ୍ରଜଗୋପିକା ଧାମରେ ଶ୍ରୀରାଧାରାଣୀଙ୍କ ଜନ୍ମଉତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ପ୍ରାତଃରେ ଶ୍ରୀରାଧାଙ୍କ ଜନ୍ମବିଧି ନୀତିକାନ୍ତିରେ ଆରମ୍ଭ ହୋଇଥିଲା। ଠାକୁରଙ୍କୁ ସ୍ନାନ ପରେ ପାଟବସ୍ତ୍ର ଲାଗି କରିବା ସହ ଚନ୍ଦନ, ତୁଳସୀ ଲାଗି ହେବା ପରେ ଉପଚାର ଓ ଆଳତି ଭୋଗ କରାଯାଇଥିଲା। ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଶ୍ରୀରାଧାରାଣୀଙ୍କ ପ୍ରକଟ ଉତ୍ସବରେ ଝୁଲାରେ ଝୁଲାଯିବା ସହିତ ଗୀତ, କୀର୍ତ୍ତନ ଓ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଏହି ଦୃଶ୍ୟ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା।

### ଖଟିଆକୁଦିରେ ରାଷ୍ଟ୍ର ହୋମଯଜ୍ଞ

କୃଷ୍ଣପ୍ରସାଦ, ୧୩।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଅଁଳ ପଞ୍ଚାୟତର ବଡ଼ଖଟିଆକୁଦିସ୍ଥିତ ତ୍ରୟମ୍ବକେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଜଗତ୍ କଲ୍ୟାଣ ଉଦ୍ଦେଶ୍ୟରେ ରାଷ୍ଟ୍ର ହୋମଯଜ୍ଞ ଆରମ୍ଭ ହୋଇଛି। ପାରିକୁଦ ରାଜ ପୁରୋହିତ ପଣ୍ଡିତ କମଳ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ପଣ୍ଡିତ ପ୍ରକାଶ ଚନ୍ଦ୍ର ଦେବତା, ସନ୍ତୋଷ ଦାଶ, କାଳୁରାମ ଦେବତା, ମନ୍ଦିର ପୂଜକ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି। ରାଷ୍ଟ୍ର ହୋମ ନିମନ୍ତେ ଅଙ୍କୁରାରୋପଣ, ଅଧିବାସ ଓ ସୂର୍ଯ୍ୟପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସର୍ବ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଘୃତାହୁତି ଦିଆଯାଇଥିଲା। ଖଟିଆକୁଦି ଗ୍ରାମ୍ୟ କମିଟି ସଭାପତି ପଦ୍ମଚରଣ ତରେଇ, ସମ୍ପାଦକ ପ୍ରଫୁଲ୍ଲ କୁମାର ତରେଇ, ମନ୍ଦିର ପରିଚାଳନା କମିଟି ସଭାପତି ଗୋପୀନାଥ ତରେଇ, ସମ୍ପାଦକ ଗୋପାଳକୃଷ୍ଣ ପଲେଇଙ୍କ ସମେତ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

### ସୀତାରାମ ୟେଚୁରୀଙ୍କ ବିୟୋଗରେ ଶୋକସଭା

ଖୋର୍ଦ୍ଧା, ୧୩।୯ (ପ୍ରଭାତ ପାଣିଗ୍ରାହୀ)

ସିପିଆଇଏମ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ସୀତାରାମ ୟେଚୁରୀଙ୍କ ବିୟୋଗରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ଖୋର୍ଦ୍ଧା ଜିଲା ସିପିଆଇଏମ୍ ପକ୍ଷରୁ ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଗିରିଶ୍ ମହାରଣା, ଶୈଳେଶ ବଳିୟାରସିଂ, ସାରଙ୍ଗଧର ବେହେରା, ବାପି ମହାରଣା, କିଶୋର ଚନ୍ଦ୍ର ପରମଗୁରୁ, ସରସ୍ୱତୀ ସାହୁ ଏବଂ ଅନ୍ୟମାନେ ଯୋଗଦେଇଥିଲେ। ନିରାକାରପୁରଠାରେ ମଧ୍ୟ ରେଳଷ୍ଟେଶନ ସମ୍ମୁଖରେ ସିପିଆଇଏମ୍ ପତାକା ଅର୍ଦ୍ଧନମିତ କରାଯାଇ ଶୋକସଭା କରାଯାଇଶ୍ରଦ୍ଧାଞ୍ଜଳିଜ୍ଞାପନକରାଯାଇଛି।

# ଧାନ ଫସଲରେ ରୋଗପୋକ, ଚିନ୍ତାରେ ଚାଷୀ

## ବେଗୁନିଆ ବ୍ଲକ

ବେଗୁନିଆ, ୧୩।୯ (ହର ପ୍ରସନ୍ନ ପଣ୍ଡା)


ଧାନ ଫସଲରେ କୋରୁହାଁ ଗଛର ଡାଳ ପୋତାଯାଇଛି।

ଧାନ ଫସଲରେ ରୋଗ ଏବଂ ପୋକଙ୍କ ପ୍ରାଦୁର୍ଭାବ ଆରମ୍ଭ ହେଲାଣି। ଏହା ଏବେ ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀଙ୍କ ଚିନ୍ତାର କାରଣ ସାଜିଛି। ଚଳିତ ଖରିଫ୍ ଋତୁରେ ଏହି ବ୍ଲକ ଅଞ୍ଚଳରେ ୨୫୭୫ ହେକ୍ଟର ଜମିରେ ଧାନ ବୁଣା ହୋଇଥିବା ବେଳେ ୮୩୬୬ ହେକ୍ଟର ଜମିରେ ତଳି ରୁଆପୋତା ପ୍ରଣାଳୀ ଶେଷ ହୋଇଛି। ଅଧିକ ଅମଳ ପାଇଁ ଏହି ବ୍ଲକ ଅଞ୍ଚଳରେ ୮୦ ହେକ୍ଟର ଜମିରେ ହାଇବ୍ରିଡ୍ ଧାନ ଫସଲ କରାଯାଇଛି। ଭାଦ୍ରବ (ସେପ୍ଟେମ୍ବର) ମାସ ହେଉଛି ଧାନ ଫସଲ ପାଇଁ ଉପଯୁକ୍ତ ସମୟ। ଏବେ ଫସଲରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଛି। ବିଶେଷକରି କେତେଜଣ ଚାଷୀଙ୍କ ଖାଲୁଆ ଜମିର ଧାନତଳିରେ ମହିଷା, ପତ୍ରପୋଡ଼ା, ଆଛାଦ ପଚା, ମୂଳଷଢ଼ା ଆଦି ରୋଗ ଦେଖାଦେଲାଣି। ସେହିପରି ଆଉ କେତେଜଣ ଚାଷୀଙ୍କ ଫସଲରେ ଝିଣ୍ଟିକା, ନଳୀପୋକ, ଛଗୋଡିଆ, ମାଟିଆଗୁଣ୍ଡି ଆଦି ପୋକ ଲାଗିଛି। ଏହାର ପ୍ରତିକାର ଦିଗରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦେବା ପାଇଁ ଦାବି ହେଉଛି। କୃଷି ଅଧିକାରୀ କିମ୍ବା କର୍ମଚାରୀ ଗ୍ରାମକୁ ଆସି ଚାଷୀଙ୍କ ସହିତ ପରାମର୍ଶ କରି ସଚେତନ ସୃଷ୍ଟି କରୁନାହାନ୍ତି। ସରକାରୀ ଧାର୍ଯ୍ୟ ଅନୁସାରେ ଚାଷୀଙ୍କୁ ସବସିଡି ଔଷଧ ଯୋଗାଇ ଦିଆଯିବ କେବଳ ଘୋଷଣା କରାଯାଇଛି। ଏହାର ସୁଫଳ ନ ଥିବାରୁ କେତେଜଣ ଚାଷୀ ଅନ୍ୟ ପ୍ରକାର ପ୍ରତିକାର କରୁଛନ୍ତି। ସଚେତନତା ଅଭାବରୁ ବୋତଲମା ପଞ୍ଚାୟତ ଅଞ୍ଚଳର ମହିଳା ଚାଷୀ ଉର୍ମିଳା ନାୟକ ଧାନ ଫସଲରେ କୋରୁହାଁ ଗଛର ଡାଳ ପୋତି ପ୍ରତିକାର କରୁଛନ୍ତି। ଅନ୍ୟପଟେ ଜଳବାୟୁ ପରିବର୍ତ୍ତନ ଓ ଫସଲରେ ଅତ୍ୟଧିକ ରସାୟନିକ ସାର ପ୍ରୟୋଗ ଯୋଗୁ ଏଭଳି ରୋଗ ସୃଷ୍ଟି ହେଉଛି ବୋଲି ବିଭାଗ ପକ୍ଷରୁ କୁହାଯାଉଛି ବୋଲି ଚାଷୀ ମଦନ ମୋହନ ସାହୁ, ଭାଗୀରଥି ଦଳସିଂହ ରାୟ, ରମାକାନ୍ତ ଦେହୁରି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ଏଥିରେ ଭୟଭୀତ ହେବାର କିଛି କାରଣ ନାହିଁ। ଚାଷୀମାନେ ପଞ୍ଚାୟତ କୃଷି କର୍ମଚାରୀମାନଙ୍କ ସହିତ ଭେଟି ଚାଷ ସମ୍ବନ୍ଧୀୟ ସୂଚନା ପାଇପାରିବେ। ସବସିଡି ଔଷଧ ଯୋଗାଇ ଦିଆଯାଉଛି। ଯଦି କେହି ସୁଫଳ ନ ପାଉଛନ୍ତି, ତେବେ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସି ପରାମର୍ଶ ନେଇପାରିବେ।

# ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା | ଭାଗନେଲେ ୧୧୨ ଛାତ୍ରୀଛାତ୍ର



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଟାଙ୍ଗୀ, ୧୩।୯ (ରଘୁନାଥ ସାହୁ)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଶୁକ୍ରବାର ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା ସ୍ଥାନୀୟ ବଳରାମ ଦେବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁଲତା ବେହେରା, ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ, ସିଆର୍‌ସିସି ଅମିତ ଚକ୍ରବର୍ତ୍ତୀ, ବ୍ଲକ ସମ୍ପାଦକ ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଉପକନିଷ୍ଠ ବିଭାଗରେ ୭୩ ଜଣ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ବିଭାଗରେ ୩୯ଜଣ ଛାତ୍ରୀଛାତ୍ର କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉପକନିଷ୍ଠ ବିଭାଗରେ ନିରାକାରପୁର ପ୍ରାଥମିକ ବିଦ୍ୟାଳୟର ସାଇକ୍ରିଷ୍ଣା ମହାରଣା ପ୍ରଥମ, ସରପାରୀ ପ୍ରାଥମିକ ବିଦ୍ୟାଳୟର ସ୍ନେହାସୋନମ୍ ପ୍ରଧାନ ଦ୍ୱିତୀୟ, ଜୟମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ଅଂଶୁମାନ ଦାଶ ତୃତୀୟ ସ୍ଥାନ ହାସଲ କରିଥିଲେ। କନିଷ୍ଠ ବିଭାଗରେ ପାରିଓରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୌମ୍ୟ ରଞ୍ଜନ ସାହୁ ପ୍ରଥମ, ଭୂଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚିନ୍ମୟ ସାହୁ ଦ୍ୱିତୀୟ, କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଓମ୍ ପ୍ରସାଦ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରିଙ୍କା ମାନ୍ଧାତା, ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଗଣେଶ ବାରିକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା, ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କୁଇଜ୍ ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ଜଣେ ଲେଖାଏ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ସଂଯୋଜନା କରିଥିବା ବେଳେ ସିଆର୍‌ସିସି ପ୍ରସନ୍ନ କୁମାର ପାଇକରାୟ, ଦୀନବନ୍ଧୁ ପୃଷ୍ଟି, ପ୍ରଶାନ୍ତ ମହାପାତ୍ର, କାହ୍ନୁ ଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଦକ୍ଷତାଭିତ୍ତିକ କୌଶଳ ପ୍ରଶିକ୍ଷଣ ଶିବିର

ବେଗୁନିଆ, ୧୩।୯ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ଦକ୍ଷତାଭିତ୍ତିକ କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ସବିତାଞ୍ଜଳି ସେନାପତିଙ୍କ ପୌରୋହିତ୍ୟରେ ଅଧାପକ ଜୟକୃଷ୍ଣ ପାଣିଗ୍ରାହୀ, ବିଧୁଭୂଷଣ ରାଉତ, ଅଧାପିକା ଡ. ବିଜୟଲକ୍ଷ୍ମୀ ସୁବୁଦ୍ଧି, ସ୍ମିତିମୟୀ ବସନ୍ତିଆ, ଓଡ଼ିଶା ନଲେଜ କର୍ପୋରେଶନର ଜିଲା ସଂଯୋଜକ ଦେବାଶିଷ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ରୋଜଗାରକ୍ଷମ ହୋଇ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହୋଇପାରିବେ, ସେଥିପାଇଁ ଦକ୍ଷତା ଭିତ୍ତିକ କୌଶଳଗୁଡ଼ିକୁ ଆପଣେଇବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଲଡୁକିଶୋର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଅଧାପକ ଡ. ସୋମନାଥ ବିଶୋୟୀ ଧନ୍ୟବାଦ ଦେଇଥିଲେ।

### ନାଳରୁ ମୃତଦେହ ଜବତ

ଜଟଣୀ, ୧୩।୯ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ଷଣ୍ଢପୁରସ୍ଥିତ ଜଗନ୍ନାଥ ବିହାର ନାଳରୁ ଶୁକ୍ରବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ପାଣିରେ ରହି ଫୁଲିଯାଇଥିବା ଦେଖିବାକୁ ମିଳିଛି। ନାଳରେ ପାଣି କମ୍ ଥିବା ବେଳେ ତାଙ୍କୁ କେହି ହତ୍ୟାକରି ଫିଙ୍ଗି ଦେଇଛନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ପୀରପ୍ରସାଦଙ୍କ ଶ୍ରାଦ୍ଧ ଦିବସ

କଳାପଥର, ୧୩।୯ (ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା ଗ୍ରାମର ଗୋଆ ମୁକ୍ତି ଯୋଦ୍ଧା ମାର୍କ୍ସବାଦୀ ନେତା, ବରିଷ୍ଠ ପତ୍ରକାର, ବିପ୍ଳବୀ ପୀର ପ୍ରସାଦ ପଟ୍ଟନାୟକଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମସ୍ଥାନ ପଥୁରୀପଡା ସ୍ଥିତ ମହାବେରଣା ଉଚ୍ଚବିଦ୍ୟାଳୟଠାରେ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ଅଭିଯାନ ପକ୍ଷରୁ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୀରପ୍ରସାଦଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପଣ୍ଡିତ ଅଶୋକ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ, ପ୍ରଧାନ ଶିକ୍ଷକ ଅର୍ଜୁନ ବେହେରା, ମହାବେରଣା କ୍ଲବର ସମ୍ପାଦକ ସଦାଶିବ ଦାଶ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଗୋଆ ମୁକ୍ତି ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ପଟ୍ଟନାୟକ ନାଗଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ ବାଲିମେଳାଠାରେ ଶ୍ରମିକ ଆନ୍ଦୋଳନ, ବାରିପଦାରେ ଚକବନ୍ଦି ଆନ୍ଦୋଳନ ଓ ୧୯୬୪ମସିହା ଛାତ୍ର ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସଭାପତି ସୁନୀଲ ମିଶ୍ର କହିଥିଲେ।

# ଗୋଡ଼ିପଡ଼ାରେ ଆମ ଗାଁ ପ୍ରତିଭା କାର୍ଯ୍ୟକ୍ରମ


ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଖୋର୍ଦ୍ଧା, ୧୩।୯ (ପ୍ରଭାତ ପାଣିଗ୍ରାହୀ)

## ଗ୍ରାମୀଣ କଳା, ସଂସ୍କୃତିର ବିକାଶ ଲକ୍ଷ୍ୟ

ଖୋର୍ଦ୍ଧା ନିକଟ ଗୋଡ଼ିପଡ଼ାସ୍ଥିତ ମା' ବଘେଇ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜା ଅବସରରେ 'ଆମ ଗାଁ ପ୍ରତିଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଡିପଡ଼ା ପଞ୍ଚାୟତ ଅନ୍ତର୍ଗତ ଗ୍ରାମୀଣ ଛୋଟ ବଡ଼ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଗୋଡିପଡ଼ା ପଞ୍ଚାୟତର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ମା' ବଘେଇ ଯୁବ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଛି। ଏନେଇ ଆୟୋଜିତ ସଭାରେ ପରିଷଦର ସଭାପତି ପ୍ରସନ୍ନ ଖଣ୍ଡାଇତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଜୟ ସେଠୀ, ସମ୍ମାନିତ ଅତିଥି ସତିଶ୍ ପ୍ରହରାଜ, ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ଲୋହିତ ନାରାୟଣ ମହାପାତ୍ର ମଞ୍ଚାସୀନ ଥିଲେ। କମଳେଶ ମହାରଣା ସଭା ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ସୁଧାଂଶୁ ମହାପାତ୍ର, କବି ଦିବ୍ୟ ଲୋଚନ ଭାରିମଲ୍ଲ, ନାଟ୍ୟକାର ଶ୍ରୀନିବାସ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଲୋହିତ ନାରାୟଣ ମହାପାତ୍ରଙ୍କୁ ଗାଁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଗ୍ରାମାଞ୍ଚଳରେ କଳା ସଂସ୍କୃତିର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଆୟୋଜକ ମା' ବଘେଇ ଯୁବ ପରିଷଦ ସଭାପତି ପ୍ରସନ୍ନ ଖଣ୍ଡାଇତରାୟ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବ ପରିଷଦର ସମସ୍ତ ସଦସ୍ୟ ଏବଂ ଗୋଡିପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ।

# ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର


ଜଟଣୀ ମହୋତ୍ସବର ୭ମ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

ଜଟଣୀ, ୧୩।୯ (ରବୀନ୍ଦ୍ରନାଥ ମହାକୁଡ଼)

## ଜଟଣୀ ଗଣେଶ ମହୋତ୍ସବର ୭ମ ସନ୍ଧ୍ୟା

କଳିଙ୍ଗ ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ଶରତ ପାଇକରାୟ ଖେଳପଡ଼ିଆରେ ଅନୁଷ୍ଠିତ ୮ମ ଜଟଣୀ ଗଣେଶ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଆୟୋଜକ ସଙ୍ଗଠନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ରଶ୍ମି ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା କଳ୍ପନା ମିଶ୍ର, ସମ୍ମାନିତ ଅତିଥି ସିପ୍ରା ସେନାପତି ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଆୟୋଜକ ସଙ୍ଗଠନର ଆବାହକ ସୀତାକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ସମୀର ଜେନା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶମ୍ଭୁଦତ୍ତ ସ୍ୱାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଦଶ ଅବତାର ନାଟ୍ୟଶାଳା ଭୁବନେଶ୍ୱର ଦ୍ୱାରା ଦଶମହାବିଦ୍ୟା ଓଡ଼ିଶୀ, ବକ୍ରତୁଣ୍ଡ ମହାକାୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ସ୍ନେହା ଡ୍ୟାନ୍ସ ଏକାଡେମୀ ଜଟଣୀ ଏବଂ ପ୍ରତିଧ୍ୱନି ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ସହିତ ପୋଲକ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ଆମନ୍ତ୍ରିତ କଳାକାର ଏବଂ କଳା ସଙ୍ଗଠନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସମାବେଶ ହୋଇଥିଲା।

# ୨୩ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମାନିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୧୩।୯ (ପ୍ରଭାତ ପାଣିଗ୍ରାହୀ)

ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଆନୁକୂଲ୍ୟରେ ରାଷ୍ଟ୍ର ଗଠନରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରମୁଖ ଭୂମିକାକୁ ନେଇ ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ରୋଟାରିଆନ ଆଶୁତୋଷ ବାଗ ସଭାପତିତ୍ୱ କରିଥିଲେ। ରୋଟାରୀ ଖୋର୍ଦ୍ଧା ଜିଲା ୩୨୬୨ର ପ୍ରାନ୍ତପାଳ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ପ୍ରାନ୍ତପାଳ ରୋଟାରିଆନ ଶିବବ୍ରତ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାତା, ସମାଜର ପଥପ୍ରଦର୍ଶକ। ଶିକ୍ଷାର ବିକାଶରେ ରାଷ୍ଟ୍ରର ବିକାଶ ବୋଲି କହିଥିଲେ। ବରିଷ୍ଠ ରୋଟାରିଆନ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରଶ୍ମିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଟକ ଓ ଭୁବନେଶ୍ୱରର ୨୩ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମିଶ୍ର, ସିଦ୍ଧାର୍ଥ ତିୱାରୀ, ବିଭୂତି ଭୂଷଣ ମହାପାତ୍ର, ବିଜୟ ମିଶ୍ର, ପ୍ରତୀକ ମିଶ୍ର, ଅଶୋକ ଅଗ୍ରୱାଲ, ସୁକାନ୍ତ ମହାପାତ୍ର, ବୃନ୍ଦାବନ ଦଳବେହେରା, ବିକାଶ ରଞ୍ଜନ ରାୟ, ଯତିନ୍ ରଥ, ସୁଶାନ୍ତ ପାଣିଗ୍ରାହୀ, ଦିଲୀପ ଦାସ, ପ୍ରଦ୍ୟୁମ୍ନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ୨ ମାସ ପୂର୍ବରୁ ଏଜିକୁ କାଗଜପତ୍ର ପଠାଅ

ଖୋର୍ଦ୍ଧା, ୧୩।୯ (ପ୍ରଭାତ ପାଣିଗ୍ରାହୀ)



ଜିଲାସ୍ତରୀୟ ପେନ୍‌ସନ ଅଦାଲତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଜିଲାସ୍ତରୀୟ ପେନ୍‌ସନ ଅଦାଲତ

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଓଡ଼ିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରି) ମିଳିତ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ସହଯୋଗରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ପେନ୍‌ସନ ଅଦାଲତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଜି କାର୍ଯ୍ୟାଳୟର ଉପ ମହାଲେଖାକାର (ପେନ୍‌ସନ ଓ ଭବିଷ୍ୟନିଧି) ସଞ୍ଜୟ କୁମାର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ, ଉପଜିଲାପାଳ ଦେବବ୍ରତ କର, ବରିଷ୍ଠ ଲେଖାଧିକାରୀ ସାରଦା ପ୍ରସନ୍ନ ମହାପାତ୍ର, କଲ୍ୟାଣ ପଣ୍ଡା ଯୋଗଦେଇ ପେନ୍‌ସନ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ଉପମହାଲେଖାକାର ସଞ୍ଜୟ କୁମାର ଉପସ୍ଥିତ ଥିବା ପେନ୍‌ସନ ମଞ୍ଜୁର କର୍ତ୍ତା ଓ ଡିଡିଓ ମାନେ ଠିକ୍ ସମୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଅବସରକାଳୀନ ଦେୟ କାଗଜପତ୍ର ମହାଲେଖାକାର କାର୍ଯ୍ୟାଳୟକୁ ପଠାଉ ନ ଥିବାରୁ ସେମାନେ ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପାଇପାରୁନାହାନ୍ତି । ଅବସର ପରେ ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡୁଛି । ତେଣୁ ଅବସରର ୨ ମାସ ପୂର୍ବରୁ ଏଜି କାର୍ଯ୍ୟାଳୟକୁ ସମସ୍ତ କାଗଜପତ୍ର ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଠିକ୍ ସମୟରେ କାଗଜପତ୍ର ପହଞ୍ଚିଲେ ଅବସର ଦିନ ସେମାନଙ୍କ ଅବସରକାଳୀନ ପ୍ରାପ୍ୟ ପାଇପାରିବେ। ନିର୍ଦ୍ଦେଶକ ସାହୁ ପେନ୍‌ସନ ମଞ୍ଜୁର କର୍ତ୍ତାମାନେ ଅବସର ପୂର୍ବରୁ ଯେପରି ଅବସର କାଗଜପତ୍ର ଯେପରି ମହାଲେଖାକାର କାର୍ଯ୍ୟାଳୟରେ ପହଞ୍ଚେ ସେଥିପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗର ପେନ୍‌ସନ ମଞ୍ଜୁରକର୍ତ୍ତାମାନେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନ କାଗଜ ଠିକ୍ ସମୟରେ ଏଜି କାର୍ଯ୍ୟାଳୟକୁ ପଠାଉ ନ ଥିବାରୁ ପେନ୍‌ସନ ମଞ୍ଜୁରୀ ବିଳମ୍ବ ହେଉଥିବାରୁ ନିର୍ଦ୍ଦେଶକ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ବେଉରା ଖୋର୍ଦ୍ଧା ଜିଲାରେ ପେନ୍‌ସନ ଓ ଗ୍ରାଚ୍ୟୁଇଟି ମଞ୍ଜୁର ହୋଇ ନ ଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନ୍‌ସନ କାଗଜପତ୍ର ସେପ୍ଟେମ୍ବର ଶେଷ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀମାନେ ସେମାନଙ୍କ ପେନ୍‌ସନ, ଭବିଷ୍ୟନିଧି ପ୍ରାପ୍ୟ ଯେପରି ଠିକ୍ ସମୟରେ ପାଇପାରିବେ ତାହା ଉପରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସମୟ ବଦଳିଛି, ଅବସରକାଳୀନ ପ୍ରାପ୍ୟ ପାଇବା ପାଇଁ ଆଉ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁନାହିଁ। ଏଜି କାର୍ଯ୍ୟାଳୟ ଦୁଇମାସ ପୂର୍ବରୁ ଯାଇଥିବା ପେନ୍‌ସନ ଆବେଦନପତ୍ର ବିଚାରକୁ ନେଇ ଅବସର ପୂର୍ବରୁ ପେନ୍‌ସନ ଓ ଜିପିଏଫ୍ ପ୍ରଦାନ କରୁଥିବାରୁ ପ୍ରଶଂସା କରିଥିଲେ। ଉପଜିଲାପାଳ କର ଏଜି କାର୍ଯ୍ୟାଳୟ ପକ୍ଷରୁ ପେନ୍‌ସନରମାନଙ୍କ ପେନ୍‌ସନର ଅବସରକାଳୀନ ପ୍ରାପ୍ୟ ଫଇସଲା ପାଇଁ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଲେଖାଧିକାରୀ ମହାପାତ୍ର, ଅଶୋକ କୁମାର ପାତ୍ର ପେନ୍‌ସନ ଓ ଜିପିଏଫ୍ ଆବେଦନପତ୍ର ପଠାଇବା ବେଳେ ଯେଉଁ ଭୁଲ୍ କରନ୍ତି ତା'ର ସଂଶୋଧନ କିପରି କରାଯାଇପାରିବ ପିପିଟି ମାଧ୍ୟମରେ ତାହା ବୁଝାଇଥିଲେ। ଏହି ପେନ୍‌ସନ ଅଦାଲତରେ ଜିଲାର ବିଭିନ୍ନ କାର୍ଯ୍ୟାଳୟର ଗ୍ରାଚ୍ୟୁଇଟି ମଞ୍ଜୁର ହୋଇ ନ ଥିବା ୨୭୮ କେସ୍ ଶୁଣାଣି ପାଇଁ ଉପସ୍ଥାପିତ ହୋଇଥିଲା। ଏହି ଅଦାଲତକୁ ସହକାରୀ ଲେଖାଧିକାରୀ ଆଶୁତୋଷ ଦାଶ, ଶରତ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ପଣ୍ଡା, ଭିନେଶ ଯାଦବ, ପୁରୁଷୋତ୍ତମ ବଳ, ଅଶୋକ କୁମାର ପାତ୍ର, କୌଶିକ କୁମାର କବି, ଯାମି ସଞ୍ଜୟ ସିଂହ, ଚନ୍ଦ୍ରଶେଖର ବେହେରା, ଜିଲା ପ୍ରଶାସନର ଅଧିକାରୀ ବାବୁଲି ପଟ୍ଟନାୟକ, ସଂଘମିତ୍ରା ମହାପାତ୍ର, ଭବାନୀ ଶଙ୍କର ବିଧାର, ଅମିୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ଲକ କୃଷକ ପରାମର୍ଶ କମିଟି ବୈଠକ

କଟକ ସଦର, ୧୩।୯ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ କୃଷକ ପରାମର୍ଶ କମିଟି ବୈଠକ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରଜନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗର ପ୍ରତିନିଧି ଯୋଗଦେଇ ଖରିଫ ଋତୁରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଡିଜିଟାଲ କ୍ରପ୍ ସର୍ଭେ ଉପରେ ବ୍ଲକ କୃଷି ଅଧିକାରୀ ଜାଫନା ରାୟ ସୂଚନା ଦେଇ ୧ ଲକ୍ଷ ୬୦ ହଜାର ପ୍ଲଟ୍‌ର ସର୍ଭେ ଆସନ୍ତା ୩୦ ତାରିଖ ସୁଦ୍ଧା ସାରିବା ପାଇଁ କହିଥିଲେ। ଆତ୍ମା ଇଞ୍ଜିନିୟର ଦେବାଶିଷ ଦାସଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା, ସଭ୍ୟ ଶରତ ରାୟ, ଅଶୋକ ମହାନ୍ତି, ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା ଯୋଗଦେଇଥିଲେ।

# ନିଯୁକ୍ତି ପାଇଁ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

କଟକ, ୧୩।୯ (କାର୍ତ୍ତିକ ସାହୁ)

ନିଯୁକ୍ତିପତ୍ର ପାଇବା ପରେ ବି ଚାକିରି ମିଳିନି। ଇତିମଧ୍ୟରେ ପ୍ରାୟ ୭ ମାସ ବିତିଗଲାଣି। ୯୪୧ ଜଣ ଆଗ୍ନିକ ଓ ଆଗ୍ନିକ ଗାଡ଼ି ଚାଳକ ସେମିତି ଘରେ ବସିଛନ୍ତି। ସେମାନେ ନିଜ ପରିବାର ପ୍ରତିପୋଷଣ ପାଇଁ କଟକସ୍ଥିତ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣାରେ ବସିଛନ୍ତି।

ସୂଚନା ଅନୁସାରେ, ଓଡ଼ିଶା ଅଗ୍ନିଶମ ବିଭାଗର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉନ୍ନୀତ ହେବା ପରେ ଗତ ଜାନୁଆରୀ ୨୯ରେ ପ୍ରକାଶିତ ମେଧା ତାଲିକାରେ ଏହି ଯୋଗ୍ୟ ପ୍ରାର୍ଥୀମାନେ ସାମିଲ ହୋଇଥିଲେ। ଫେବୃୟାରୀ ୬ରେ ପ୍ରେରିତ ଇମେଲ ଓ ଡାକ ଯୋଗେ ନିଯୁକ୍ତିପତ୍ର ସମସ୍ତେ ପାଇଥିଲେ। ଫେବୃୟାରୀ ୧୨ରୁ ୯୪୧ ଜଣ ଆଗ୍ନିକ ଓ ଆଗ୍ନିକ ଗାଡ଼ି ଚାଳକ ପଦବୀରେ ଯୋଗ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ନିଶମ ତାଲିମ କେନ୍ଦ୍ରରେ ଯୋଗଦେବାକୁ ନିର୍ଦ୍ଦେଶ ଥିଲା। ମାତ୍ର ୭ ତାରିଖ ସନ୍ଧ୍ୟାରେ ଇମେଲ ଯୋଗେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନିଯୁକ୍ତି ସାମୟିକ ଭାବେ ବାତିଲ କରାଯାଇଥିବା ଜଣାଇ ଦିଆଯାଇଥିଲା। ଜାନୁଆରୀ ୬ରେ ପ୍ରକାଶିତ ମେଧା ତାଲିକାରେ ଓଡ଼ିଶା ଗୃହରକ୍ଷୀମାନଙ୍କୁ ୧୦% ସ୍ଥାନ ସଂରକ୍ଷଣ ମିଳି ନ ଥିଲା। ଫଳରେ ସେମାନେ ଏନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିବାରୁ ହାଇକୋର୍ଟ ନିଯୁକ୍ତି ପ୍ରକ୍ରିୟା ଉପରେ ରୋକ ଲଗାଇଛନ୍ତି।



ନିଯୁକ୍ତି ପାଇଁ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

## ତହସିଲ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ଆନ୍ଦୋଳନ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର, ୧୩।୯ (ଆଶୁତୋଷ ଦାସ/ମାନସ ସାମଲ)

କଟକ ଜଗତ୍‌ପୁରଠାରେ ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟ ରହିଛି। ଏହା ଉପରେ କଟକ ମହାନଗର ନିଗମର ୨ଟି ୱାର୍ଡ, ଚୌଦ୍ୱାର ପୌରପାଳିକାର ୧୯ଟି ୱାର୍ଡ, ଚୌଦ୍ୱାର-କଟକ ଓ ଆଠଗଡ଼ ନିର୍ବାଚନମଣ୍ଡଳୀର କିଛି ପଞ୍ଚାୟତର ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭରଶୀଳ। ଗମନାଗମନ ଓ ଯୋଗାଯୋଗ ସୁବିଧା ଦୃଷ୍ଟିରୁ ଜଗତପୁର ସ୍ଥାନଟି ସମସ୍ତଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ। ହେଲେ ଉକ୍ତ ତହସିଲ କାର୍ଯ୍ୟାଳୟକୁ ଜଗତପୁରରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତର ପାଇଁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା କିଛିଦିନ ତଳେ ବିଧାନସଭାରେ ପ୍ରସ୍ତାବ ଦେଇଥିଲେ। ଯଦି ଏଭଳି କରାଯାଏ ତେବେ ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀରେ ୨ଟି ତହସିଲ କାର୍ଯ୍ୟାଳୟ ହେବା ସହ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ତହସିଲଶୂନ୍ୟ ହୋଇପଡ଼ିବ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତହସିଲ କାର୍ଯ୍ୟାଳୟ ସ୍ଥାନାନ୍ତର କରାଗଲେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ଚୌଦ୍ୱାର ଯାତ୍ରା ପଡ଼ିଆସ୍ଥିତ ୪୪ ମଣ୍ଡଳ ରାଜଦୋଳ ସମିତି ଗୃହରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ତହସିଲ ସ୍ଥାନାନ୍ତରଣ ବିରୋଧ ଅଭିଯାନର ଆବାହକ ଦୀପକ କୁମାର ମଙ୍ଗରାଜ କହିଛନ୍ତି। ଏଥିରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଯୋଗଦେଇ ବିଧାୟକଙ୍କ ଏଭଳି ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଯୁବନେତା ବିଷ୍ଣୁଚରଣ ପରିଡ଼ା, ଚୌଦ୍ୱାର-କଟକ ବିକାଶ ପରିଷଦ ସଭାପତି ମାନସ ପରିଡ଼ା, ହରିହର ପରିଡ଼ା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଭାଜପା ନେତା ପ୍ରଶାନ୍ତ ହୋତା, ବିନୟ ମଲ୍ଲିକ, ସାମାଜିକ କର୍ମୀ ମହେନ୍ଦ୍ର ମହାନ୍ତି, ଅଜିତ୍ କୁମାର ସ୍ୱାଇଁ ଯୋଗଦେଇ ତହସିଲ ସ୍ଥାନାନ୍ତରଣକୁ ତୀବ୍ର ବିରୋଧ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସାମିଲ ହୋଇ ମତବ୍ୟକ୍ତ କରିଥିଲେ।

### ଯକୃତ ଗ୍ରହୀତା ମାନସଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିଛି

କଟକ, ୧୩।୯ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ସଫଳ ହୋଇଛି। ଯକୃତ ପ୍ରତିରୋପଣ ହୋଇଥିବା ନୟାଗଡ଼ ଅଞ୍ଚଳର ମାନସ ମୁଦୁଲିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ସେହିପରି ମାନସଙ୍କୁ ଯକୃତ ଦାନ କରିଥିବା ତାଙ୍କ ସ୍ତ୍ରୀ ଛବି ମୁଦୁଲିଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସୁଧୁରିଛି। ତାଙ୍କୁ ଆଇସିୟୁରୁ ସାଧାରଣ ବେଡ୍‌କୁ ସ୍ଥାନାନ୍ତର କରାଯାଇଛି। ମାନସ ଏବେ ଚଲାବୁଲା କରୁଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଯକୃତ ପ୍ରତିରୋପଣ ପ୍ରୋଟୋକୋଲ୍ ଅନୁସାରେ ଛବିଙ୍କୁ ୨ରୁ ୧୦ ଦିନ ମଧ୍ୟରେ ଡିସ୍‌ଚାର୍ଜ କରାଯିବାକୁ ଥିବାବେଳେ ମାନସଙ୍କୁ ୧ ସପ୍ତାହ ପରେ ଡିସ୍‌ଚାର୍ଜ କରାଯିବ ବୋଲି ସୂଚନା ମିଳିଛି।





୧୪ ଦଫା ଦାବି ନେଇ ଓଡ଼ିଶା କୋଅର୍ଡିନେଶନ କମିଟି ଅଫ୍ ପେନସନର୍ସ ଓ ଅଲ୍ ଇଣ୍ଡିଆ ପୋଷ୍ଟାଲ ଆଣ୍ଡ୍ ଆର୍‌ଏମ୍‌ଏସ୍ ପେନ୍‌ସନର୍ସ ଆସୋସିଏଶନ ଷ୍ଟେଟ୍ କମିଟି ପକ୍ଷରୁ କଟକ ମହାନଦୀ ବିହାରସ୍ଥିତ ପୋଷ୍ଟାଲ ଆକାଉଣ୍ଟ୍ସ ନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ଧାରଣା।

### 'ଉତ୍ତମ ସମବାୟବିତ୍ ଥିଲେ ଚନ୍ଦ୍ରମଣି ସ୍ୱାଇଁ'

କଟକ, ୧୩।୯ (କାର୍ତ୍ତିକ ସାହୁ)

ଜିଲା କଂଗ୍ରେସର ବରିଷ୍ଠ ନେତା ସ୍ୱର୍ଗତ ଚନ୍ଦ୍ରମଣି ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା ଶକ୍ତିନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚନ୍ଦ୍ରମଣିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ରାମଚନ୍ଦ୍ର ଗୋଚ୍ଛାୟତ ଯୋଗଦେଇ କହିଛନ୍ତି, ଚନ୍ଦ୍ରମଣି କନ୍ଦରପୁର ପଞ୍ଚାୟତର ଦୁଇଥର ସରପଞ୍ଚ ଓ କଟକ ସଦର ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଥିଲେ। କନ୍ଦରପୁରଠାରେ କଲେଜ ସ୍ଥାପନ ଓ ଫାଣ୍ଡି ପ୍ରତିଷ୍ଠା ଦିଗରେ ତାଙ୍କର ବଳିଷ୍ଠ ଭୂମିକା ଥିଲା ବୋଲି ନିର୍ମଳ ସ୍ୱାଇଁ କହିଥିଲେ। ରାଜେଶ ସ୍ୱାଇଁ କହିଛନ୍ତି, ଚନ୍ଦ୍ରମଣି ଜଣେ ବିଶିଷ୍ଟ ସମବାୟବିତ୍ ଥିଲେ। ତାଙ୍କ ବିୟୋଗରେ କଂଗ୍ରେସ ଦଳର ଅପୂରଣୀୟ କ୍ଷତି ହେଲା ବୋଲି ମୁଖପାତ୍ର ମାନସ ପରିଡ଼ା କହିଛନ୍ତି। ଆଡ୍‌ଭୋକେଟ୍ ଡ. ବିପ୍ଳବ ଶିଳାଦିତ୍ୟ, କୃଷ୍ଣଚନ୍ଦ୍ର ଦେବତା, ରଜନୀକାନ୍ତ ବସ୍ତିଆ, କାଳନ୍ଦୀ ଖୁଣ୍ଟିଆ, ବିକି ଜେଠୀ, ସୀତାକାନ୍ତ ପଣ୍ଡା, ନୀହାର ରଞ୍ଜନ ନନ୍ଦ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୧୯୮୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

ଫୁଲନଖରା, ୧୩।୯ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଆମଣ ପଞ୍ଚାୟତସ୍ଥିତ ଆମଣ ସାଶୋଳ ନୋଡାଲ ଉ.ପ୍ରା. ବିଦ୍ୟାଳୟର ୧୯୮୪ ସପ୍ତମ ଶ୍ରେଣୀ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ନିକଟସ୍ଥ ବରୁଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଭାବର ଆଦାନପ୍ରଦାନ କରିଥିଲେ। ଏଥିସହ ପୁରାତନ ଶିକ୍ଷୟିତ୍ରୀ, ଶିକ୍ଷକ ମଧ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିକ୍ରମ କୁମାର ସେନାପତି, ନିରଞ୍ଜନ ବେହେରା, ଦେବଦତ୍ତ ଭୋଳ, ସୌର୍ଯ୍ୟବାଳା ମଙ୍ଗରାଜ, ବିପନା ଭୋଇ, ସୁକାନ୍ତ ଦାଶ, ନମିତା ମହାନ୍ତି, ଦିଲୁ ପଟ୍ଟନାୟକ, ବିପିନ ଖଟୁଆ, ପ୍ରତିଭା ନାୟକ, ରମେଶ ସାହୁ ଓ ନିକୁଞ୍ଜ ସେଠୀ ପ୍ରମୁଖ ଯୋଗଦେଇଥିଲେ।

## କାଳୀୟଦଳନ ପୂଜା କମିଟି ବୈଠକରେ ପାଟିତୁଣ୍ଡ

କଟକ, ୧୩।୯ (କାର୍ତ୍ତିକ ସାହୁ)

କଟକ ପିଠାପୁରସ୍ଥିତ କାଳୀୟଦଳନ ପୂଜା କମିଟିର ପୁରୁଣା ଓ ବର୍ତ୍ତମାନର କର୍ମକର୍ତ୍ତାଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଶୁକ୍ରବାର ରାତିରେ ଅନୁଷ୍ଠିତ ପୂଜା କମିଟି ବୈଠକରେ ପୂର୍ବ ଘଟଣାକୁ କେନ୍ଦ୍ର କରି ପାଟିତୁଣ୍ଡ ସହିତ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଛି। ପୂଜା କମିଟି କାର୍ଯ୍ୟାଳୟରେ ଦୁଇଗୋଷ୍ଠୀର ଲୋକେ ଭଙ୍ଗାରୁଜା କରିଛନ୍ତି। ପୁରୀଘାଟ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀ କହିଛନ୍ତି। ସୂଚନା ଅନୁଯାୟୀ, ପୂଜା କମିଟିର ଆୟବ୍ୟୟକୁ ନେଇ କିଛିଦିନ ହେବ ପୁରୁଣା ଓ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଅନେକ ଥର ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଛି। ପୁଣି ଏହି ବିବାଦ ଶୁକ୍ରବାର ରାତିରେ ଚାଲିଥିବା ଚଳିତବର୍ଷର ପୂଜା ପ୍ରସ୍ତୁତି ବୈଠକରେ ଦେଖାଦେଇଥିଲା। କେତେଜଣ କର୍ମକର୍ତ୍ତା ପୂର୍ବ ହିସାବ ଦେବାକୁ ସମ୍ପାଦକଙ୍କୁ କହିଥିଲେ। ଶନିବାର ହିସାବ ଦେବେ ବୋଲି ସମ୍ପାଦକ କହିବାରୁ ପାଟିତୁଣ୍ଡ ସହ ହାତାହାତି ହୋଇଥିଲା। ଉତ୍ତେଜନା ପ୍ରକାଶ ପାଇବାରୁ ସେଠାରେ ପୋଲିସ ପହଞ୍ଚିଥିଲା। ପୋଲିସକୁ ଦେଖି କେତେଜଣ ସଦସ୍ୟ ସେଠାରୁ ଖସି ପଳାଇଥିଲେ। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବାବେଳେ ରିପୋର୍ଟ ଲେଖାଯିବାବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ୨ ଦଫା ଦାବି ନେଇ ଠିକା ଶ୍ରମିକଙ୍କ ଧାରଣା

ଖୁଣ୍ଟୁଣୀ, ୧୩।୯ (ସଚ୍ଚିଦାନନ୍ଦ ପଣ୍ଡା)

୨ ଦଫା ଦାବି ନେଇ ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁରଠାରେ ଥିବା ଏକ କାରଖାନା ସମ୍ମୁଖରେ ଠିକା ଶ୍ରମିକମାନେ ଶୁକ୍ରବାର ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ଗତ ଜୁଲାଇରୁ ସମସ୍ତ ବର୍ଗର ଶ୍ରମିକଙ୍କ ପାଇଁ ବର୍ଦ୍ଧିତ ଦରମା ଲାଗୁ କରିଛନ୍ତି। ହେଲେ ଉକ୍ତ କାରଖାନା କର୍ତ୍ତୃପକ୍ଷ ଏହାକୁ ଲାଗୁ କରୁନାହାନ୍ତି। ସେହିପରି ଚାକିରିରୁ ଅବସର ନେବା ପରେ ମଧ୍ୟ ଶ୍ରମିକମାନଙ୍କୁ ଗ୍ରାଚ୍ୟୁଇଟି ଟଙ୍କା ପ୍ରଦାନ କରିବାରେ କାରଖାନା କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ୩୫୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଧାରଣାରେ ବସିଥିବା ଠିକା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଉମାକାନ୍ତ ସାହୁ କହିଛନ୍ତି। ଅପରପକ୍ଷେ ଶ୍ରମିକଙ୍କର ଏହି ନ୍ୟାଯ୍ୟ ଦାବିକୁ ସମର୍ଥନ ଜଣାଇ ସ୍ଥାନୀୟ ଲୋକେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖୁଣ୍ଟୁଣୀ ଆଇଆଇସି ରବି ନାରାୟଣ ବେହେରା ଏକ ପ୍ଲାଟୁନ ଫୋର୍ସ ମୁତୟନ କରିଛନ୍ତି। ଶ୍ରମିକମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଠିକା ମଜଦୁର ସଂଘର ପୂର୍ବତନ ସଭାପତି ଅମିନ ସୂତାର କହିଛନ୍ତି। ଅପରପକ୍ଷେ ଆଇଆଇସି ବେହେରାଙ୍କ ଉଦ୍ୟମକ୍ରମେ କାରଖାନା କର୍ତ୍ତୃପକ୍ଷ ଆଲୋଚନା ପାଇଁ ରାଜି ହୋଇଥିବା ଜଣାପଡ଼ିଛି। ଧାରଣା ଯୋଗୁ କାରଖାନା ଭିତରକୁ ଯାତାୟାତ କରିପାରୁନାହିଁ।

## ତଦନ୍ତରେ ସହଯୋଗ କରିବାକୁ ପ୍ରସ୍ତୁତ: ଅଶୋକ

ଖୁଣ୍ଟୁଣୀ, ୧୩।୯ (ସଚ୍ଚିଦାନନ୍ଦ ପଣ୍ଡା)

**ଅଧ୍ୟକ୍ଷଙ୍କ ନାଁରେ ନିର୍ଯାତନା ଅଭିଯୋଗ ପ୍ରସଙ୍ଗ**

କଟକ ଜିଲା ଗୁରୁଡିଝାଟିଆ ଥାନା ଅଧୀନ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ସାମନ୍ତରାୟ ୪ ଜଣ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ସହ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତ ଅଧ୍ୟାପିକାମାନେ ଗୁରୁଡିଝାଟିଆ ଥାନା ଓ ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଅଧ୍ୟକ୍ଷ ସାମନ୍ତରାୟ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି, କଲେଜରେ ୩୩ ଜଣ ଷ୍ଟାଫ୍ ଅଛନ୍ତି। ସେମାନେ ଠିକ୍ ଭାବେ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଅଭିଯୋଗ କରିଥିବା ୪ ଅଧ୍ୟାପିକା ଠିକ୍ ଭାବେ କ୍ଲାସ ନ କରିବା, ଛାତ୍ରୀଛାତ୍ରଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନ କରିବା, ମନଇଚ୍ଛା କଲେଜକୁ ଆସିବା, ବିନା ସୂଚନାରେ କଲେଜରେ ଅନୁପସ୍ଥିତ ରହିବା, କ୍ଲାସ୍‌ବେଳେ କଲେଜ ପଡ଼ିଆରେ ସେଲ୍ଫି ନେବାରୁ କଲେଜର ବୌଦ୍ଧିକ ପରିବେଶ ନଷ୍ଟ ହେଉଛି। ଏ ସମ୍ପର୍କରେ ମୁଁ ଉଚ୍ଚଶିକ୍ଷା ବିଭାଗକୁ ଜଣାଇଥିଲି। ବିଭାଗର ପରାମର୍ଶକ୍ରମେ ମୁଁ ମୋ ଷ୍ଟାଫ ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ କେତେକ ନିୟମ କରିଥିଲି। ୩୩ ଜଣ ଷ୍ଟାଫ୍ ଏହି ନିୟମକୁ ସମ୍ମାନ ଜଣାଇଥିବାବେଳେ ୪ ଅଭିଯୋଗକାରିଣୀ ଏହାକୁ ବେଖାତିର କରିଥିଲେ। କଲେଜରେ ୪ସ୍ତରରେ ଅଭିଯୋଗ କ୍ଷେତ୍ର ରହିଛି। ସେମାନେ ସେଠାରେ ନ ଜଣାଇ କଲେଜର ସମ୍ମାନ ନଷ୍ଟ ହେବା ଭଳି କିଛି କୁଚକ୍ରୀ ଗୋଷ୍ଠୀ କଥାରେ ମୋତେ ବଦନାମ ପାଇଁ ଉଦ୍ୟମ କରିବା ନିନ୍ଦନୀୟ। ମୋ ପାଇଁ ସମସ୍ତ କର୍ମଚାରୀ ସମାନ। ଏଣୁ ସେମାନେ ଯେଉଁ ଅଭିଯୋଗ କରିଛନ୍ତି ସେଥିରେ ସତ୍ୟତା କେତେ ତାହା ତଦନ୍ତ ହେଲେ ସାମ୍ନାକୁ ଆସିବ। ସମସ୍ତ ପ୍ରକାର ତଦନ୍ତରେ ସହଯୋଗ କରିବାକୁ ପ୍ରସ୍ତୁତ ଅଛି ବୋଲି ଅଧ୍ୟକ୍ଷ କହିଛନ୍ତି।

# ଏସ୍‌ସିବି ମେଡିକାଲ ପରିସର ସ୍ୱଚ୍ଛ ରଖିବାକୁ ଗୁରୁତ୍ୱ

କଟକ, ୧୩।୯ (ଶିଳ୍ପା ପ୍ରିୟଦର୍ଶିନୀ)

ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାରେ ତଥ୍ୟ ସଂଗ୍ରହ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଡ୍‌ଭୋକେଟ୍ କମିଟି ଶୁକ୍ରବାର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିଦର୍ଶନ କରିଛି। ମେଡିକାଲ ପରିସରରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସମାଧାନ ନିମନ୍ତେ ୱାଟ୍‌କୋ ଓ ଡ୍ରେନେଜ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ମେଡିକାଲର ମୃତଦେହ ବ୍ୟବଚ୍ଛେଦ ଗୃହ, ଭେଷଜ ବିଭାଗ, କାଜୁଆଲ୍‌ଟି ପରିଦର୍ଶନ କରି ସ୍ୱଚ୍ଛତା ଉପରେ ବିଶେଷ ଦୃଷ୍ଟିଦେବାକୁ ଗୁରୁତ୍ୱାରୋପ କରିଥିଲେ। ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଅପେକ୍ଷା ଗୃହ ନିର୍ମାଣ, ତ୍ୱରିତ ଆମ୍ବୁଲାନ୍ସ ଯାତାୟାତ ପାଇଁ ମେଡିକାଲ ପ୍ରବେଶ ପଥକୁ ଜବରଦଖଲମୁକ୍ତ ରଖିବା ପାଇଁ ପରାମର୍ଶ ଦେଇଥିଲେ। କମିଟି ସଦସ୍ୟ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସଙ୍କ ସହ ସମସ୍ତ ବିଷୟରେ ଆଲୋଚନା କରିଥିଲେ। ହାଇକୋର୍ଟ ବାର୍ କାଉନ୍‌ସିଲ୍ ସଭାପତି ଆଇନଜୀବୀ ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଉକ୍ତ କମିଟିରେ ବାର୍ ଆସୋସିଏଶନ ସମ୍ପାଦକ ରଞ୍ଜନ ନାୟକ, ସରୋଜ କୁମାର ପାଢ଼ୀ, ଶ୍ରୀଜିତ୍ ମହାନ୍ତି, ପଦ୍ମାଳୟା ମହାପାତ୍ର, ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଅତିରିକ୍ତ ଅଧୀକ୍ଷକ ଡା. ମନୋଜ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଜୋନ୍ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ସମେତ ସିଏମ୍‌ସି, ପୂର୍ତ୍ତ ଓ ୱାଟ୍‌କୋର ଅଧିକାରୀ ଉପସ୍ଥିତ ଥିଲେ।



ଅଧ୍ୟକ୍ଷା ଲୁସି ଦାସଙ୍କ ସହିତ ଆଡ୍‌ଭୋକେଟ୍ କମିଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି।

**ସ୍ଥିତି ପରଖିଲା ଆଡ୍‌ଭୋକେଟ୍ କମିଟି**



ସିଏମ୍‌ସି କାଉନ୍‌ସିଲ ବୈଠକ ଗୃହରେ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସାହି ପୂଜା କମିଟି ମୁରବିଙ୍କୁ ନେଇ ଦଶହରା ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।



କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ କୌଶଳ ରଥକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଶୁଭାରମ୍ଭ କରିବା ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନ।


ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଉଦ୍‌ଯାପନୀ ଦିବସରେ ଶୁକ୍ରବାର ଗୋପାଳଙ୍କ ଲଉଡ଼ି ନୃତ୍ୟ ।


ଲବଣିଖିଆ ମଣ୍ଡପରେ ମହାଭୋଇମାନେ ପ୍ରଭୁ କୃଷ୍ଣ ବଳରାମଙ୍କୁ ବନ୍ଦାପନା କରୁଛନ୍ତି ।


ମରିଚିକୋଟ ଛକଠାରେ ରାମକୃଷ୍ଣଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ ନୀତି ସମ୍ପନ୍ନ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୩।୯।୨୦୨୪

| | |
|---|---|
| ୫,୦୦,୮୭୭ ଟଙ୍କା | |
| ସୁନା | ୯.୯୫୦ ଗ୍ରାମ୍ |
| ରୁପା | ୧୪୭.୨୦୦ ଗ୍ରାମ୍ |

# କଂସବଧ ନୀତିରେ ସରିଲା ଶ୍ରୀକୃଷ୍ଣ ଲୀଳା

**ପୁରୀ, ୧୩।୯ (ଅଜିତ୍ କୁମାର ମହାନ୍ତି)**

ଭାଦ୍ରବ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳାକ୍ରମ ଅନୁସାରେ ଶୁକ୍ଳ ଦଶମୀ ତିଥି ଶୁକ୍ରବାର ଅବସରରେ କଂସବଧ ନୀତି ସମ୍ପନ୍ନ ହୋଇଯାଇଛି। ପ୍ରବଳ ପ୍ରତାପୀ କଂସବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳା ପରିସମାପ୍ତି ଘଟିଛି। ଭାଦ୍ରବ ଶୁକ୍ଳ ଦଶମୀ ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନସେବକ ରାମକୃଷ୍ଣଙ୍କୁ ରତ୍ନସିଂହାସନରେ ବିଜେ କରାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ହେବା ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁ ସେବକମାନେ ପାଲିଙ୍କିକୁ କୁଣ୍ଢେଇବେଣ୍ଟ ସାହିରେ ଥିବା ଲବଣୀଖିଆ ଛକକୁ ନେଇଥିଲେ। ଛକରେ ଥିବା ପଣ୍ଡିଘରେ ଲବଣୀ ଖିଆ ନୀତି ସମ୍ପନ୍ନ ହୋଇଥିଲା। ସେଠାରେ ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଆଳତି ଓ ବନ୍ଦାପନା କରିବା ସହିତ ମହାଭୋଇଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସର, ଲବଣୀ ଠାକୁରଙ୍କୁ ସମର୍ପଣ କରାଯାଇଥିଲା। ପରେ ମହାଜନମାନେ ସେଠାରେ ଥିବା ଠାକୁରଙ୍କୁ ପଣ୍ଡି ଘର ଖଟଶେଯ ଉପରକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ଏହାପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ ଖୁଆଇଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁର ପାଲଙ୍କିରେ ବିଜେ



ହୋଇ ମରିଚିକୋର୍ଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ମନ୍ଦିର ନିକଟକୁ ବିଜେ କରିଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରାଯାଇଥିଲା। ଠାକୁରାଣୀଙ୍କ ସମ୍ମୁଖରେ ମଲ୍ଲଯୁଦ୍ଧ ନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ରାଜନହର ସମ୍ମୁଖକୁ ବିଜେ କରିଥିଲେ। ସେଠାରେ କୁବୁଜା ଉଦ୍ଧାରଣ ନୀତି ସମ୍ପନ୍ନ ହୋଇଥିଲା। ପରେ ସିଂହଦ୍ୱାର ସମ୍ମୁଖ ବଡ଼ଛତା ମଠ ଆଗରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ସେଠାରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କ ନୀତି ଦେଖିବା ନିମନ୍ତେ ଶ୍ରୀମନ୍ଦିର ସମ୍ମୁଖରେ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିବା ବେଳେ ହରିବୋଲ ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# କ୍ରୀଡ଼ାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ


ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିମାନେ ।

### ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ନିମାପଡ଼ା/ପୁରୀ(ରଞ୍ଜନ ପଟ୍ଟନାୟକ/ ବିଚିତ୍ରାନନ୍ଦ ସାହୁ/ଅଜିତ୍ କୁମାର ମହାନ୍ତି)**

ନିମାପଡ଼ା ବାରବାଟୀ ପଡ଼ିଆଠାରେ ଶୁକ୍ରବାର ନିମାପଡ଼ା ମଣ୍ଡଳସ୍ତରୀୟ ୨ଦିନିଆ କ୍ରୀଡ଼ା ପ୍ରତିଯୋଗିତାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। କ୍ରୀଡ଼ାକ୍ଷେତ୍ରରେ ମୁଖ୍ୟତଃ ଭିତ୍ତିଭୂମିର ବିକାଶ ସରକାରଙ୍କ ମୁଖ୍ୟଲକ୍ଷ୍ୟ। ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ କନିଷ୍ଠ ଏବଂ ୧୭ ବର୍ଷରୁ କମ୍ ବରିଷ୍ଠ ବିଭାଗରେ ମୋଟ ୫୬ଟି ବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୪୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଖୋଖୋ, କବାଡ଼ି, ବ୍ୟାଡ୍‌ମିଣ୍ଟନ ଓ ଫୁଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ନିମାପଡ଼ା ପୌରପରିଷଦ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନନ୍ଦିନୀ ସାହୁ, ଭିଲିଗ୍ରାମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ, ଭାଟବନ୍ଧା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରଜକିଶୋର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ରଞ୍ଜିତ କେଶରୀ ନାୟକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

**ପୁରୀ, ୧୩।୯ (ଅଜିତ୍ କୁମାର ମହାନ୍ତି)**

ଆସନ୍ତା ୧୮ ତାରିଖ ବୁଧବାର, ଇନ୍ଦ୍ରଗୋବିନ୍ଦ ବନ୍ଦାପନା, ଇନ୍ଦ୍ରହାତୀ ପ୍ରସ୍ତାବ, ଭାଗବତ ଜନ୍ମ ଏବଂ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଶେଷ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ଦ୍ୱାରଫିଟା ରାତ୍ର ୨ଟା, ଭିତରଶୋଧ ୨ଟା ୩୦, ମଙ୍ଗଳଆଳତି ୩ଟା, ମଇଲମ, ତଡପଲାଗି ୩ଟା ୩୦, ଅବକାଶ ୪ଟା୩୦, ରୋଷହୋମ ପ୍ରାତଃ ୫ଟା, ସୂର୍ଯ୍ୟପୂଜା ୫ଟା ୩୦, ବେଶ ଶେଷ ୫ଟା ୩୦, ଦ୍ୱାରପାଳ ପୂଜା ୫ଟା ୪୫, ଗୋପାଳ ବଲ୍ଲଭ ପୂଜା ୬ଟା ୩୦ରେ ହେବ। ସକାଳଧୂପ (କେବଳ କୋଠଭୋଗ) ୭ଟାରୁ ୮ଟା ୩୦, ମଇଲମ ୯ଟା, ଭୋଗମଣ୍ଡପ ୯ଟାରୁ ୧୦ଟା ୩୦, ବେଶ ଶେଷ ୧୦ଟା, ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ୧୧ଟା ୩୦ରୁ ୧ଟା, ୨ୟ ଭୋଗମଣ୍ଡପ ୧ଟାରୁ ୨ଟା, ମଇଲମ ଓ ବେଶ ସନ୍ଧ୍ୟା ୬ରୁ ୭ଟା, ସନ୍ଧ୍ୟା ଆଳତି ରାତ୍ର ୭ଟା ୩୦ରେ ହେବ। ଦୋଳ ଗୋବିନ୍ଦ ଭିତରକୁ ବିଜେ ୭ଟା ୪୫, ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ୮ଟା ୫, ପାଲିଙ୍କି ଉଠିବ ୮ଟା ୩୦, ଇନ୍ଦ୍ରଗୋବିନ୍ଦ ବନ୍ଦାପନା ସାରି ଦିଅଁ ବାହୁଡ଼ା ବିଜେ ୯ଟା ୩୦, ସନ୍ଧ୍ୟାଧୂପ ୮ଟା ୩୦ରୁ ୧୦ଟା, ମଇଲମ ଓ ଚନ୍ଦନଲାଗି ୧୦ଟା ୧୦ରୁ ୧୦ଟା ୩୦, ବଡ଼ସିଂହାର ବେଶ ୧୧ଟା ୩୦, ବଡସିଂହାର ଭୋଗ ୧୨ଟା, ରାତ୍ର ପହୁଡ଼ ୧୨ଟା ୩୦ରେ ସମ୍ପନ୍ନ କରାଯିବାକୁ ନୀତି ନିର୍ଘଣ୍ଟ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।


ପୁରୀ ବାର୍ ଆସୋସିଏଶନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଏମ୍‌ପି ଡାକ୍ତର ସମ୍ବିତ ପାତ୍ର, ବିଧାୟକ ସୁନୀଲ ମହାନ୍ତି ଏବଂ ଅନ୍ୟମାନେ ।

### ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

**ପୁରୀ, ୧୩।୯ (ଅଜିତ୍ କୁମାର ମହାନ୍ତି)**

ପିପିଲି ବ୍ଲକ ପୁବାଶାସନସ୍ଥିତ ମହାତ୍ମା ଗାନ୍ଧୀ ସ୍ମୃତି ଶିକ୍ଷା ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କାୟାକଳ୍ପ ସାହିତ୍ୟ ପତ୍ରିକା ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ପି ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶବାଣୀ କଟକର ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଡ. ତପନ ଦତ୍ତ, ଅଧ୍ୟାପିକା ମଧୁସ୍ମିତା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।

## ମିଶ୍ର ଟ୍ୟୁଟୋରିଆଲ୍ ପକ୍ଷରୁ ଚାରାରୋପଣ



**ନିମାପଡ଼ା, ୧୩।୯ (ରଞ୍ଜନ ପଟ୍ଟନାୟକ)**

ସନ୍ଧ୍ୟାରାଣୀ ଏଜୁକେଶନାଲ ଆଣ୍ଡ୍ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମିଶ୍ର ଟ୍ୟୁଟୋରିଆଲ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଗୋଲେଇ ଛକଠାରୁ ଅଂଶାଲୋ ଛକମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗଦେଇ ଶତାଧିକ ଚାରା ରାସ୍ତାର ଉଭୟ ପାର୍ଶ୍ୱରେ ରୋପଣ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଅୟସ୍‌କାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ପ୍ରସନ୍ନ ରଥ ଏବଂ ବିଜୟ କୁମାର ମହାନ୍ତି ଯୋଗଦେଇ ପିଲାଙ୍କୁ ଚାରା ରୋପଣର ଉପକାରିତା ସମ୍ବନ୍ଧରେ ବୁଝାଇଥିଲେ। ବୁଲୁ ଓ ଭାସ୍କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶୃଙ୍ଖଳିତ ସମାଜ ଗଠନ ପାଇଁ ଗୀତା, ଭାଗବତ ପଢ଼

**ଗୋପ, ୧୩।୯ (ଭାରତୀ ଭୂଷଣ ଉପାଧ୍ୟାୟ)**

### କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ ଭଜନ ସମାରୋହ

ଗୋପ ବଜାର କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ ଭଜନ ସମାରୋହ ଶୁକ୍ରବାର ଯାଜପୁର ଅଞ୍ଚଳର ପ୍ରବଚକ ତିଳନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବଚକ ତିଳନ ସାହୁ କହିଛନ୍ତି, ଶୃଙ୍ଖଳିତ ସମାଜ ଗଠନ ପାଇଁ ପ୍ରତିଦିନ ଗୀତା ଓ ଭାଗବତ ପଢ଼। ଏହି ଅବସରରେ ପୁରୀ ଅଞ୍ଚଳର ଭକ୍ତି ସମର୍ପଣ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିବା ବେଳେ ରାଜ୍ୟର ନାମୀଦାମୀ କଣ୍ଠଶିଳ୍ପୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଶଭଦ୍ରା ବ୍ୟବସାୟୀ ସଂଘ ଦୀର୍ଘ ୫୫ ବର୍ଷ ଧରି ସଂସ୍କୃତି, ପରମ୍ପରା ବଞ୍ଚାଇବାକୁ ଉଦ୍ୟମ କରୁଥିବା ବେଳେ ଗଣେଶ ପୂଜା ଅବସରରେ ପାଲା, ଦାଶକାଠିଆ ସହିତ ପ୍ରବଚନ, ଭଜନ ସମାରୋହ ଆଦି କରିଆସୁଛି। ବ୍ୟବସାୟୀ ସଂଘର ସଭାପତି ଦୁଃଖୀଶ୍ୟାମ ସେନାପତି, ମହେନ୍ଦ୍ର କୁମାର ବେହେରା, ତ୍ରୈଲୋଚନ ସାହୁ, ରତ୍ନାକର ସେଠୀ, ଅମରେଶ୍ୱର ସାହୁ, ମଧୁସୂଦନ ବେହେରା ପ୍ରମୁଖ ଯୋଗଦେଇ କଣ୍ଠଶିଳ୍ପୀମାନଙ୍କୁ ସମ୍ମାନିତ କରିଥିଲେ।


କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଭଜନ ସମାରୋହ ଅବସରରେ ଉପସ୍ଥିତ ଅତିଥି ଓ କଣ୍ଠଶିଳ୍ପୀମାନେ ।

## 'ଜମି ଯିବ ଯାହାର- କଥା ଶୁଣ ତାହାର'

**ଅସ୍ତରଙ୍ଗ, ୧୩।୯ (ମମତା ଜେନା)**

ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବେ ପ୍ରଶାସନ ପାଇଁ ମୁଣ୍ଡବିନ୍ଧା ପାଲଟିଛି। ଭିଟାମାଟି ସୁରକ୍ଷା ମଞ୍ଚର ଏ ସଂକ୍ରାନ୍ତ ଆବେଦନକୁ ହାଇକୋର୍ଟ ଗ୍ରହଣ କରି 'ଜମି ଯିବ ଯାହାର-କଥା ଶୁଣ ତାହାର' ବୋଲି ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଥାପିତ ହେବାକୁ ଥିବା ଗ୍ରାମଗୁଡ଼ିକଠାରୁ ପ୍ରାୟ ୧୦-୧୨ କିମି ଦୂରରେ ଜନଶୁଣାଣି ହେବା ବିରୋଧରେ ମଞ୍ଚ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବୋଲି ଆବାହକ ଶୋଭାକର ବେହେରା କହିଛନ୍ତି।

# ନାରୀଶକ୍ତି ବିନା ଦେଶର ପ୍ରଗତି ଅସମ୍ଭବ

**ପୁରୀ, ୧୩।୯ (ଅଜିତ କୁମାର ମହାନ୍ତି)**

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଅରବିନ୍ଦ ଶତପଥୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା ଓ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଶିଶୁକନ୍ୟାମାନେ ଧନ୍ଦାମୂଳକ ଶିକ୍ଷା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସ୍ତ୍ରୀରୋଗ ବିଭାଗ ମୁଖ୍ୟ ଡା. ମଞ୍ଜୁଶ୍ରୀ ସାହୁ ଏବଂ ଶିଶୁ ରୋଗ ବିଶେଷଜ୍ଞ ଡା. କ୍ଷମାମୟୀ ପ୍ରିୟଦର୍ଶିନୀ ଯୋଗଦେଇ ଶିଶୁଙ୍କ ସନ୍ତୁଳିତ ଆହାର, ଜୀବନଚର୍ଯ୍ୟା ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ଅବଗତ କରାଇଥିଲେ। ବରିଷ୍ଠ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମିଶ୍ର ଏବଂ ସମସ୍ତ ଗୁରୁମା ଶିବିର ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ପର୍ବରେ ମୁଖ୍ୟ ଅତିଥି ଭାବେ ପୋଲିସ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ନିର୍ମଳା ଫତେସିଂ ଯୋଗଦେଇ ଆଜିର ନାରୀ ଅବଳା କି ଦୁର୍ବଳା ନୁହେଁ ଏବଂ ନାରୀଶକ୍ତି ବିନା ଦେଶର ପ୍ରଗତି ଅସମ୍ଭବ ବୋଲି କହି ଶିଶୁଙ୍କ ମନରେ ଆତ୍ମସମ୍ମାନର ଭାବ ଜନ୍ମାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନା ସମିତିର ସଭାପତି ଡ. ଅଭିମନ୍ୟୁ ଭୂୟାଁ, ଉପସଭାପତି ସୀମାଚଳ ପଣ୍ଡା, ସମ୍ପାଦକ ଅରବିନ୍ଦ ଶତପଥୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା ଏବଂ ସଦସ୍ୟା ସନ୍ତୋଷିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀମାନେ ।

## ବରିଷ୍ଠ କଂଗ୍ରେସ ନେତାଙ୍କ ଦେହାନ୍ତ

**ସାକ୍ଷୀଗୋପାଳ, ୧୩।୯ (ଭରତ ରାଉତ)**

ସାକ୍ଷୀଗୋପାଳ ବ୍ଲକ ଅନ୍ତର୍ଗତ କେତକୀପାଟଣା ପଞ୍ଚାୟତ ବିଶ୍ୱନାଥଦେଉଳି ଗ୍ରାମର ବରିଷ୍ଠ କଂଗେସ ନେତା ବିଶ୍ୱନାଥ ମଲିକଙ୍କ ଗୁରୁବାର ଅପରାହ୍ନରେ ବିୟୋଗ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। କୃଷି ଏବଂ ସମାଜସେବା ପ୍ରତି ତାଙ୍କର ଆଗ୍ରହ ଥିଲା। ସେ ଭାରତୀୟ ଜାତୀୟ କଂଗ୍ରେସର ଜଣେ ସକ୍ରିୟ ସଦସ୍ୟ ଭାବେ ଦଳରେ କାମ କରୁଥିଲେ। ନିଜ ଅଞ୍ଚଳ ପାଇଁ ତତ୍କାଳୀନ ଏମ୍‌ପି, ବିଧାୟକ ଓ ମନ୍ତ୍ରୀଙ୍କ ନିକଟରେ ଦାବି ରଖୁଥିଲେ। ମୃତ୍ୟୁଖବର ପାଇ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, କର୍ମୀ କାହ୍ନୁଚରଣ ପ୍ରଧାନ ଶୋକବ୍ୟକ୍ତ କରିଥିଲେ। ଦଳ ତରଫରୁ ଦଳୀୟ ମର୍ଯ୍ୟାଦା ସହ ମରଶରୀର ଉପରେ ଦଳୀୟ ପତାକା ଘୋଡ଼ାଇ ଦିଆଯାଇଥିଲା।

# ଭାଗବତ ମାନବ ଜୀବନକୁ ଶୃଙ୍ଖଳିତ କରିଥାଏ

**ପୁରୀ, ୧୩।୯ (ଅଜିତ୍ କୁମାର ମହାନ୍ତି)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାତଲହଡ଼ି ମଠ ପରିସରରେ ଗୁରୁବାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭାଗବତ ମାନବ ଜୀବନକୁ ଶୃଙ୍ଖଳିତ ଓ ଉପଯୁକ୍ତ ମାର୍ଗଦର୍ଶନ କରାଏ ବୋଲି ଏକାଡେମୀର ସଚିବ ସୁବୋଧ ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ 'ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଗବତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥ ତତ୍ତ୍ୱର ଗବେଷକ, ଭାଷ୍ୟକାର ଡ. ଭାସ୍କର ଚନ୍ଦ୍ର ମିଶ୍ର, ଡ. ନରେଶ ଚନ୍ଦ୍ର ଦାସ, ଡ. ଅଂଶୁମାନ କର, ସଚ୍ଚିଦାନନ୍ଦ ବେହେରା, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ସଭାପତି ତଥା ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଏଥିରେ ଅଧ୍ୟକ୍ଷତା କରି ଭାଗବତ ଓଡ଼ିଆ ଜାତିର ଧର୍ମୀୟ ଭାବନା ପାଇଁ ପବିତ୍ର ଗ୍ରନ୍ଥ ସଦୃଶ୍ୟ ଏବଂ ଏହା ଯୁଗ ପରେ ଯୁଗ ମାନବ ଜାତିକୁ ନୀତି ଓ ଆଦର୍ଶ ପଥରେ ଯିବାକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସ୍କୃତି ବିଭାଗ ଉପସଚିବ ସଞ୍ଜୟ ଛୁଆଳସିଂ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ଅବସରରେ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର ସାତଲହଡ଼ି ମଠରେ ଭାଗବତ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ, କଟକ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଜ୍ଞାନ କାନୁନଗୋଙ୍କ ନେତୃତ୍ୱରେ ଭବ୍ୟ ସଂକୀର୍ତ୍ତନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।


ଅତିବଡି ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ ।

# 'ସ୍ୱେଚ୍ଛାସେବୀ' ଆମ ଭିତରେ ପୂର୍ଣ୍ଣତାର ଭାବନା ସୃଷ୍ଟି କରିଥାଏ

## ୟଙ୍ଗ୍ ଇଣ୍ଡିଆନ୍ସ ପକ୍ଷରୁ ଯୁବା ଉତ୍ସବ

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)




ଉତ୍ସବରେ କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ସ୍ୱାଭିମାନର ପ୍ରତିଷ୍ଠାତା ଶ୍ରୁତି ମହାପାତ୍ର, ହମାରା ବଚ୍‌ପନ୍ ଟ୍ରଷ୍ଟ ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ, ବକୁଳ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି।

ଗୁଡ୍‌ନେସ୍ ବା ଉତ୍ତମତା ଶୀଘ୍ର ପରିବ୍ୟାପ୍ତ ହୁଏ। ସ୍ୱେଚ୍ଛାସେବୀ ଭାବେ କାମ କରିବା ନିଜ ଭିତରେ ଖୁସି ସହିତ ଏକ ସ୍ୱତନ୍ତ୍ର ଅନୁଭୂତି ଆଣି ଦେଇଥାଏ। ଏଥିସହ ପୂର୍ଣ୍ଣତାର ଭାବନା ସୃଷ୍ଟି କରିଥାଏ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା କହିଛନ୍ତି। ଶୁକ୍ରବାର ସୋଆ ଅଡିଟୋରିୟମ୍‌ଠାରେ କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଯୁବ ୱିଙ୍ଗ୍ ୟଙ୍ଗ୍ ଇଣ୍ଡିଆନ୍ସ (ୱାଇଆଇ) ପକ୍ଷରୁ ଯୁବା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୋଥ୍ରା 'ସ୍ୱେଚ୍ଛାସେବୀ ଜୀବନର ମାର୍ଗ' ଉପରେ ନିଜର ଅଭିଜ୍ଞତା ବଖାଣିବା ସହ କହିଲେ, କୋଭିଡ୍-୧୯ ମହାମାରୀ ସମୟରେ ସମାଜସେବୀଙ୍କ ଦ୍ୱାରା ସମଗ୍ର ଦେଶରେ ହଜାର ହଜାର ଲୋକ ଉପକୃତ ହୋଇଥିଲେ। ଔଷଧ, ଖାଦ୍ୟ ବଣ୍ଟନଠାରୁ ଆରମ୍ଭ କରି ମେଡିକାଲ ସରଞ୍ଜାମ ପ୍ରଦାନ କରି ଇଣ୍ଡିଆ କେୟାରର ସ୍ୱେଚ୍ଛାସେବୀମାନେ ଦେଶବାସୀଙ୍କୁ ଗୁରୁତର ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ। ଫଳରେ ଅନେକ ଲୋକ ବଞ୍ଚିବାକୁ ସକ୍ଷମ ହୋଇପାରିଥିଲେ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ 'ସ୍ୱେଚ୍ଛାସେବୀ' ଶବ୍ଦର ମୂଳ ଅର୍ଥ ବ୍ୟାଖ୍ୟା କରିଥିଲେ। ସ୍ୱେଚ୍ଛାସେବୀ ଭାବେ କାମ କରିବାରେ ନିଜକୁ ଖୁସି ମିଳିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଭଳି କାମ କରିବାକୁ ପ୍ରେରଣା ଯୋଗାଇଥାଏ। ହେଲେ ଗାଡ଼ି ଚାଳକଙ୍କ ଉପରେ ଆକ୍ରମଣ କରୁଥିବା ଓ ସେମାନଙ୍କୁ ହତ୍ୟା କରୁଥିବା ଗୋରକ୍ଷକମାନେ ମଧ୍ୟ ନିଜକୁ ସ୍ୱେଚ୍ଛାସେବୀ ବୋଲି କହି ବୁଲୁଛନ୍ତି। ଫଳରେ ଭାରତରେ ସ୍ୱେଚ୍ଛାସେବୀ ଶବ୍ଦର ଅର୍ଥ ଏବଂ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପୃଥକ୍ ଦୃଷ୍ଟିକୋଣ ରଖୁଛି। ଉଦ୍ଭିଦ ଆମର ଜୀବନ ଏବଂ ପରିବେଶ ପାଇଁ ଆମେ ଯାହା କରିବା ବା କରୁଛେ, ତାହା ଆମ ଉପରେ ପ୍ରତିଫଳିତ ହୋଇଥାଏ। ଏହି କ୍ରମରେ 'ଧରିତ୍ରୀ' ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା 'କ୍ଲାଇମେଟ୍ ଚେଞ୍ଜ ଆଣ୍ଡ୍ ୟୁଥ୍ କନ୍‌କ୍ଲେଭ' ପଦକ୍ଷେପ ସମ୍ପର୍କରେ ତଥାଗତ ଆଲୋକପାତ କରିଥିଲେ। ସ୍ୱାଭିମାନ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୁତି ମହାପାତ୍ର, ହମାରା ବଚ୍‌ପନ୍ ଟ୍ରଷ୍ଟ ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ, ବକୁଳ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର ଯୋଗଦେଇ ସ୍ୱେଚ୍ଛାସେବୀ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ୱାଇଆଇ ଭୁବନେଶ୍ୱରର ସୋନାଲ୍ ଏନ୍ ପରିଚାଳନା କରିଥିଲେ।

'ଉଦ୍ୟମିତ ଭାରତ ନିର୍ମାଣର ମାର୍ଗ' ଉପରେ ଆଧାରିତ ଦ୍ୱିତୀୟ ଅଧିବେଶନରେ କୁଞ୍ଜ ଆଲଏଜ୍ ଏବଂ ଆର୍‌ଆଇଟିଇ କଲେଜ ଚେୟାରମ୍ୟାନ୍ ବିନୀତ୍ ଗୁପ୍ତା, ମୈଥାନ୍ ଇସ୍ପାତ ଲିମିଟେଡ୍‌ର ନିର୍ଦ୍ଦେଶକ ଅମିତ୍ ଗୁପ୍ତା, ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ନିର୍ଦ୍ଦେଶକ ସୋମା ଦେବୀ ଦାଶ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ସେହିଭଳି ଏସ୍‌ଡିବି କ୍ରିଏଟିଭ୍‌ସର ପ୍ରତିଷ୍ଠାତା ସଚିନ ଦାସ ବର୍ମା ଏବଂ ଉତ୍କଳ ବିଲ୍ଡର୍ସ ଲିମିଟେଡର ନିର୍ଦ୍ଦେଶକ ଶରଦ୍ ବୈଦ 'କ୍ରିଏଟିଂ କନେକ୍‌ସନ୍ସ: ଦି ପାୱାର ଅଫ୍ ଅଥେଣ୍ଟିକ୍ ବ୍ରାଣ୍ଡିଂ' ପ୍ରସଙ୍ଗରେ ବିତର୍କ କରିଥିଲେ। କାର୍ଯ୍ୟକ୍ରମ ପରେ ବିଭିନ୍ନ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୧୬୦ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, ୧୩।୯ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ମାତ୍ର ୧୬୦ ଦିନରେ ୧୦୦ ନିୟୁତ ଟନ୍‌ରୁ ଅଧିକ ପଣ୍ୟ ଅପସାରଣ କରିପାରିଛି। ସେପ୍ଟେମ୍ବର ୭ ସୁଦ୍ଧା ପୂର୍ବତଟ ରେଳପଥ ସଫଳତାର ସହିତ ୧୦୦.୪୪ ନିୟୁତ ଟନ୍ ପଣ୍ୟ ଅପସାରଣ କରି ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୬.୫% ଅଭିବୃଦ୍ଧି ହାସଲ କରିଛି। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରେ ୬୦.୩୮ ନିୟୁତ ଟନ ପଣ୍ୟ ଅପସାରଣ କରାଯାଇଥିବାବେଳେ ୱାଲ୍‌ଟିୟର ୨୨.୬୮ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳରେ ୧୭.୩୮ ନିୟୁତ ଟନ୍ ଅପସାରଣ କରାଯାଇଛି। ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ପାରାଦୀପ, ବିଶାଖାପାଟଣା, ଗଙ୍ଗାଭରମ୍, ଗୋପାଳପୁର ଏବଂ ଧାମରା ଭଳି ପ୍ରମୁଖ ବନ୍ଦରଗୁଡିକୁ ସେବା ପ୍ରଦାନ କରିଥାଏ। ଇସ୍ପାତ, ଶକ୍ତି, ଆଲୁମିନିୟମ, ସାର, ସିମେଣ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡିକର ପରିବହନ ଚାହିଦା ପୂରଣ କରିଥାଏ। ପୂର୍ବତଟ ରେଳପଥ ଦ୍ୱାରା ପରିବହନ ହେଉଥିବା ଦ୍ରବ୍ୟଗୁଡ଼ିକ ମଧ୍ୟରେ କୋଇଲା, ଲୁହାପଥର, ଆଲୁମିନିୟମ, ମାଙ୍ଗାନିଜ ଏବଂ ବକ୍ସାଇଟ ଆଦି ରହିଛି। ରେଳପଥ ପୂର୍ବ ଆର୍ଥିକ ବର୍ଷରେ (୨୦୨୩-୨୪) ୧୭୧ ଦିନରେ ଯେତିକି ପଣ୍ୟ ଅପସାରଣ କରିଥିଲା ୨୦୨୨-୨୩ ଆର୍ଥିକ ବର୍ଷରେ ସେତିକି ପଣ୍ୟ ଅପସାରଣ ଲାଗି ୧୯୧ ଦିନ ଲାଗିଥିଲା।

## 'ପୋଷାକ ଉତ୍ପାଦନରେ ନୂଆ ଅଧ୍ୟାୟ ସୃଷ୍ଟି ହେବ'

### ପରିଧାନ ଉଷ୍ମାୟନ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)



ପରିଧାନ ଉଷ୍ମାୟନ କେନ୍ଦ୍ରକୁ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରୁଛନ୍ତି।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର ଚନ୍ଦକା ଶିଳ୍ପାଞ୍ଚଳରେ ପରିଧାନ ଉଷ୍ମାୟନ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ନବନିର୍ମିତ କେନ୍ଦ୍ରକୁ ଶୁକ୍ରବାର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବେକାର ଯୁବତୀ ଯୁବକଙ୍କୁ ରୋଜଗାର ଯୋଗାଇଦେବା ସହ ଏହା ପୋଷାକ ଉତ୍ପାଦନ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ମତ ଦେଇଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଯୋଗଦେଇ କହିଲେ, ବୟନଶିଳ୍ପ ଉଦ୍ୟୋଗ ପାଇଁ ଏହି କେନ୍ଦ୍ର ବହୁ ସଫଳତାର ସମ୍ଭାବନା ରଖୁଛି। ପ୍ରାରମ୍ଭିକ ସ୍ତରରେ ଥିବା ଯୁବ ଉଦ୍ୟୋଗୀଙ୍କୁ ପ୍ଲଗ୍ ଆଣ୍ଡ୍ ପ୍ଲେ ବ୍ୟବସ୍ଥା ସହ ଆବଶ୍ୟକ ସମ୍ବଳ, ଭିତ୍ତିଭୂମି, ପୋଷାକ ଉତ୍ପାଦନ ପାଇଁ ସିଲେଇ ମେଶିନ, ପ୍ୟାକେଜିଂ ମେଶିନ ଆଦି ଯୋଗାଇ ଦିଆଯାଇଛି। ୩ଜଣ ଉଦ୍ୟୋଗୀ ମୁକେଶ କୁମାର ନାୟକ (କେନ୍ଦ୍ରାପଡା), ବିନୟ ମୁଣ୍ଡା (ରାଇରଙ୍ଗପୁର) ଓ ବିଶ୍ୱଜିତ୍ କିରୋ (ସୁନ୍ଦରଗଡ) ପୋଷାକ ଉତ୍ପାଦନ ପାଇଁ ୪୫ହଜାର ବର୍ଗଫୁଟ ଅଞ୍ଚଳରେ ଏହି କେନ୍ଦ୍ର ନିମନ୍ତେ ଅନୁମତି ପାଇଛନ୍ତି। ଏହି କେନ୍ଦ୍ର ୬ଶହ ଲୋକଙ୍କୁ ନିଯୁକ୍ତି ଯୋଗାଇ ଦେବା ସହ ଉଦ୍ଭାବନ ଓ ବ୍ୟବସାୟ ବିକାଶ ପାଇଁ ଏକ ପରିବର୍ତ୍ତନଶୀଳ ହବ୍‌ରେ ପରିଣତ ହେବ। ଉଦ୍ୟୋଗୀଙ୍କୁ ପ୍ରତିପୋଷଣ କରିବା ସହ ଆମ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ବୟନ ଐତିହ୍ୟକୁ ବୃଦ୍ଧି କରିବ ବୋଲି ସଚିବ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ଶାସନ ସଚିବ ବୀଣାପାଣି ନାୟକ, ଯୁଗ୍ମ ଶାସନ ସଚିବ ମମତା ନାୟକ, ଉପଶାସନ ସଚିବ ସୁବ୍ରତ କୁମାର ବେହେରା, ବୟନଶିଳ୍ପ ତଥା ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ୱର୍ଣ୍ଣଲକ୍ଷ୍ମୀ



@ ଆଦିତ୍ୟ



@ ବିଶ୍ୱଭୂଷଣ



@ ସ୍ମୃତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ଆରମ୍ଭ



ଉଦ୍‌ଘାଟନ ଅବସରରେ ଏମ୍‌ପି ଡ. ସମ୍ବିତ ପାତ୍ର ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

ପୁରୀ, ୧୩।୯ (ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅନ୍ତର୍ଗତ ୩ଦିନିଆ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ଶୁକ୍ରବାର ପୁରୀ ଅର୍ବାନ ହାଟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ମେଳା ଦ୍ୱାରା ବିଶ୍ୱକର୍ମା ଭଉଣୀଭାଇମାନଙ୍କ ଦକ୍ଷତାର ବିକାଶ ହେବା ସହ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ ଓ ଉତ୍ପାଦିତ ଦ୍ରବ୍ୟ ବିକ୍ରିର ସୁଯୋଗ ମିଳିପାରିବ ବୋଲି ସେ କହିଥିଲେ। କାରିଗରମାନେ ଅଧିକରୁ ଅଧିକ ପ୍ରଶିକ୍ଷିତ ହେବା ପାଇଁ ପାତ୍ର ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଗୁପ୍ତା, ସହ ନିର୍ଦ୍ଦେଶକ ଅନୁଜ କନ୍‌ସଲ, କେଭିଆଇସିର ନିର୍ଦ୍ଦେଶକ ସୁବାସ ଛେତ୍ରୀ, କୌଶଳ ବିକାଶ ମନ୍ତ୍ରଣାଳୟର ସଂଯୁକ୍ତ ନିର୍ଦ୍ଦେଶକ ବି. ରବି, ପୁରୀ ଡିଆଇସିର ଜିଏମ୍ ଅମୂଲ୍ୟରତ୍ନ ପଣ୍ଡା ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏମ୍‌ଏସ୍‌ଏମ୍‌ଇର ଉପନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ପ୍ରଦର୍ଶନୀରେ ୧୮ଟି ବୃତ୍ତିରେ ନିୟୋଜିତ ୭୦ ଜଣ ବିଶ୍ୱକର୍ମା ଉଦ୍ୟୋଗୀ ଯୋଗଦେଇ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଓ ସେବାଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରି କରିବେ। ଏହାବ୍ୟତୀତ ସରକାରୀ ପ୍ରୋତ୍ସାହନକାରୀ ସଂସ୍ଥା ଯଥା ଆଇଏମ୍‌ଏମ୍‌ଟି, କେଭିଆଇସି, କୋଏର ବୋର୍ଡ, ସିଟିସି, ଏମ୍‌ଏସ୍‌ଡିଇ, ଏସ୍‌ଏଲ୍‌ବିସି, ହସ୍ତଶିଳ୍ପ ଓ ବୟନ ଶିଳ୍ପ ବିଭାଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓର୍‌ମାସ ଇତ୍ୟାଦି ଯୋଗ ଦେଇଛନ୍ତି। ୧୪ ଓ ୧୫ ତାରିଖରେ ବିକ୍ରେତାମାନଙ୍କ ନିମନ୍ତେ ଡିଜିଟାଲ ମାର୍କେଟିଂ ଓ ଏହାର ସୁବିଧା ସୁଯୋଗ, ଆଧୁନିକ ଯନ୍ତ୍ରପାତି ଏବଂ ଏହାର ବୈଷୟିକ ଦିଗ, ବ୍ୟାଙ୍କ ସହଯୋଗ, ସରକାରୀ ଯୋଜନା ଓ ସୁଯୋଗ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଶେଷରେ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପିଏମ୍ ବିଶ୍ୱକର୍ମା ଯୋଜନା ୨୦୨୩ ସେପ୍ଟେମ୍ବର ୧୭ ତାରିଖରେ ସମଗ୍ର ଦେଶରେ ଶୁଭାରମ୍ଭ ହୋଇଥିଲା। ଯେଉଁଥିରେ ୧୮ଟି ବୃତ୍ତି ବା ଧନ୍ଦାକୁ ସାମିଲ କରାଯାଇଥିଲା।

## ବିତର୍କରୁ ବାହାରିଲେ କପିଳେନ୍ଦ୍ର ଦେବ

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗ

ଭୁବନେଶ୍ୱର, ୧୩।୯ (ବନ୍ଦନା ସେଠୀ)




ଆଲୋଚନାଚକ୍ରରେ ଯୋଗଦେଇଥିବା ବକ୍ତାମାନେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ବିତର୍କ ହେଉ ବୋଲି କଟକରେ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଏହାପରଠାରୁ ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର୍ ଧରିବା ସହ ବିବାଦ ଘନେଇବାରେ ଲାଗିଛି। ବୁଦ୍ଧିଜୀବୀଙ୍କ ବହ ବହୁ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଏହାକୁ ନେଇ ବତର୍କ ଆରମ୍ଭ କରିଛନ୍ତି। ତେବେ ବିତର୍କରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ କପିଳେନ୍ଦ୍ର ଦେବଙ୍କ ନାମରେ ନାମିତ କରିବାକୁ ସାହିତ୍ୟିକ ହରପ୍ରସାଦ ଦାସ ପ୍ରସ୍ତାବ ଦେଇଛନ୍ତି। ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ଭବନରେ ଅନୁଷ୍ଠିତ 'ନଅଙ୍କ ଦୁର୍ଭିକ୍ଷ ଓ ଟୋମାସ ରେଭେନ୍‌ଶାଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ହରପ୍ରସାଦ କହିଛନ୍ତି, ଓଡ଼ିଶା ଇତିହାସରେ କପିଳେନ୍ଦ୍ର ଦେବ ଏକମାତ୍ର ଲୋକ ଯିଏ ଓଡ଼ିଆଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ସେ ହିଁ କହିଥିଲେ 'ମୋ ରାଷ୍ଟ୍ରର ନାମ ଓଡ଼ିଶା, ଭାଷାର ନାମ ଓଡ଼ିଆ ଏବଂ ମୋ ରାଷ୍ଟ୍ରଦେବତା ଜଗନ୍ନାଥ'। ଓଡ଼ିଆ ଜାତିର ପ୍ରାଣପ୍ରତିଷ୍ଠାତା କପିଳେନ୍ଦ୍ର ଦେବଙ୍କୁ ଆମେମାନେ ଉଚିତ ସମ୍ମାନ ଦେଇନାହୁଁ। ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ଏବେ ସମୟ ଆସିଛି। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମିତ। ଏଥିରେ ରେଭେନ୍‌ଶାଙ୍କର କୌଣସି ଅବଦାନ ନାହିଁ। ତେଣୁ ବିଶ୍ୱବିଦ୍ୟାଳୟର ନାମ ରେଭେନ୍‌ଶାଙ୍କ ନାମରେ କାହିଁକି ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତ ଏକ ସ୍ୱାଧୀନ ଦେଶ। ବର୍ତ୍ତମାନ ଉପନିବେଶବାଦରୁ ମୁକ୍ତ ହେବାର ସମୟ ଆସିଛି। ଦେଶରେ ଏବେ ୫୦ରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ଏବଂ ୟୁନିଟାରି ବିଶ୍ୱବିଦ୍ୟାଳୟ ରହିଛି। ସେଥିମଧ୍ୟରୁ କେବଳ ରେଭେନ୍‌ଶାକୁ ବାଦ୍‌ଦେଇ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟର ନାଁ ଉପନିବେଶକାରୀଙ୍କ ନାମରେ ନାହିଁ। ତେଣୁ ରେଭେନ୍‌ଶାର ନାମ ପରିବର୍ତ୍ତନ ଆବଶ୍ୟକ।

ଏମ୍‌ପି ଭର୍ତ୍ତୃହରି ମହତାବ ମଧ୍ୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସପକ୍ଷରେ ବାହାରିଛନ୍ତି। ଓଡ଼ିଶା ବାହାରେ ବି କୌଣସି ଅନୁଷ୍ଠାନର ନାଁ ଓଡ଼ିଆ ଲୋକଙ୍କ ନାଁରେ ନାହିଁ। ତେଣୁ ଓଡ଼ିଶାର ଶିକ୍ଷାନୁଷ୍ଠାନ କାହିଁକି ଜଣେ ଇଂରେଜ ନାଁରେ ରହିବ। ରେଭେନ୍‌ଶାର ନାଁ ପରିବର୍ତ୍ତନ ହେଲେ ଅସୁବିଧା କ'ଣ ? ଏ ଦାବି ଆଜିର ନୁହେଁ, ୧୯୭୭ ମସିହାରୁ ଏଭଳି ଦାବି ବାରମ୍ବାର ଉଠିଛି ବୋଲି ଭର୍ତ୍ତୃହରି କହିଛନ୍ତି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ କଟକ କିମ୍ବା ଗଜପତି କପିଳେନ୍ଦ୍ର ଦେବ କିମ୍ବା ଆଧୁନିକ ଶିକ୍ଷାର ମୂଳ ବ୍ୟକ୍ତି ଥିବା ଆଦିନେତା ବିଚିତ୍ରାନନ୍ଦଙ୍କ ନାମରେ ନାମିତ କରାଯାଉ ବୋଲି ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ଏହି ପ୍ରସ୍ତାବ ଦେଇଛନ୍ତି। ବିଶ୍ୱବିଦ୍ୟାଳୟରେ ଥିବା 'ସେଭେନ ପିଲାର୍' ନାମ ବଦଳାଇ ଓଡିଶାର ୭ଜଣ ବରପୁତ୍ରଙ୍କ ନାମରେ ନାମିତ କରିବା, ସେମାନଙ୍କ ଅବଦାନ ବିଷୟରେ ଉଲ୍ଲେଖ କରିବା, ନଅଙ୍କ ଦୁର୍ଭିକ୍ଷ ସମ୍ପର୍କିତ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ପୂର୍ଣ୍ଣାଙ୍ଗ ନଥି ପ୍ରସ୍ତୁତ କରିବା, ନଅଙ୍କ ଦୁର୍ଭିକ୍ଷ ବିଷୟରେ ବ୍ୟାପକ ଆଲୋଚନା ପାଇଁ ପଦକ୍ଷେପ ନେବା ସହ ପାଠ୍ୟପୁସ୍ତକରେ ଏହାକୁ ସ୍ଥାନିତ କରିବା, ସେହି ସମୟରେ ଓଡିଶାର ଅର୍ଥନୀତି, ସାମାଜିକ ବ୍ୟବସ୍ଥା, ବିସ୍ଥାପନ ଓ ବିଦେଶ ପଳାୟନ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ତଥା ଏହାର ଡିଜିଟାଲ ଇ'ବୁକ୍ କରିବାକୁ ଶିକ୍ଷାବିତ୍‌ମାନେ ମତ ପ୍ରଦାନ କରିଥିଲେ। ବିଶେଷକରି ଓଡ଼ିଶା ଇତିହାସର ପୁନର୍ଲିଖନ ସହିତ ପାଠ୍ୟପୁସ୍ତକରେ ଓଡ଼ିଶା ଇତିହାସ ସମ୍ପର୍କିତ ଗୌରବମୟ ବିଷୟକୁ ପ୍ରାଥମିକତା ଭିତ୍ତିରେ ସ୍ଥାନିତ କରିବାକୁ ମତ ପ୍ରକାଶ ପାଇଥିଲା। ଏଥିସହ ଓଡ଼ିଶା ଶିକ୍ଷାକେନ୍ଦ୍ରର ମୂଳଭିତ୍ତି ଥିବା ଏହି ଗୌରବମୟ କଲେଜ ଓ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇ ଏହା ପରିସରରେ ଭାରତୀୟ ଇତିହାସ ଗବେଷଣା ସଂସ୍ଥାନ ଓ ଭାରତୀୟ ସାଂସ୍କୃତିକ ସମ୍ପର୍କ ସଂସ୍ଥାନର ଆଞ୍ଚଳିକ କାର୍ଯ୍ୟାଳୟ ପୁନଃପ୍ରତିଷ୍ଠା କରିବା, ଓଡ଼ିଶାର ରାଜନୀତି, ଅର୍ଥନୀତି ଓ ସାମାଜିକ ସଂସ୍କୃତି ବିଷୟରେ ସ୍ୱତନ୍ତ୍ର ଗବେଷଣା ପାଇଁ ଚେୟାର ପ୍ରତିଷ୍ଠା କରିବା ଆଦି ପ୍ରସ୍ତାବ ଆସିଥିଲା। ଗବେଷକ ଡ. ସୁବ୍ରତ ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାସଭାରେ ଅନ୍ୟମାନଙ୍କ ମଧ୍ୟରେ ଅନିଲ ଧୀର, ପ୍ରଦୀପ ବିଶ୍ୱାଳ, ଡ. ହରିହର କାନୁନ୍‌ଗୋ, ଖବରଦାତା ରାଜାରାମ ଶତପଥୀ ପ୍ରମୁଖ ଯୋଗଦେଇ ରେଭେନ୍‌ଶା ନାମ ପରିବର୍ତ୍ତନକୁ ଦୃଢ ସମର୍ଥନ କରିଥିଲେ।

ଅପରପକ୍ଷେ ରେଭେନ୍‌ଶା ହେରିଟେଜ୍ ଫୋରମ୍ ପକ୍ଷରୁ ନାମ ପରିବର୍ତ୍ତନ ପ୍ରସଙ୍ଗକୁ ଗଣମାଧ୍ୟମରେ ନିନ୍ଦା କରାଯାଇଛି। ରେଭେନ୍‌ଶାଙ୍କୁ ନରହନ୍ତା କହିବା ଠିକ୍ ନୁହେଁ। ଓଡିଆ ଅସ୍ମିତାର ଟେକ ରଖିବାରେ ରେଭେନ୍‌ଶାଙ୍କ ଭୂମିକା ରହିଛି। ନଅଙ୍କ ଦୁର୍ଭିକ୍ଷ ବେଳେ ତାଙ୍କର ଦୋଷ ଥିବାର କୌଣସି ପ୍ରମାଣ ନାହିଁ ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି। ଫୋରମର ସଂଯୋଜକ ସୁଦର୍ଶନ ଦାସ କହିଛନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜଣେ ବ୍ୟକ୍ତିଙ୍କୁ ବୁଝାଏନି, ଏକ ଅନୁଷ୍ଠାନକୁ ବୁଝାଏ। ଆମ ଜାତିର ଗର୍ବ, ଇତିହାସ ସହ ଏହା ଜଡିତ। ତେଣୁ ଉପନିବେଶବାଦ କଥା କହି ନାମ ପରିବର୍ତ୍ତନ ପ୍ରସ୍ତାବ ଗ୍ରହଣୀୟ ନୁହେଁ।

